ନେତାମାନଙ୍କର
ଈଶ୍ୱରଙ୍କ ସହିତ ନିୟମଯୁକ୍ତ ଚୁକ୍ତି



LEADER'S COVENANT

ନେତାମାନଙ୍କର ଈଶ୍ୱରଙ୍କ ସହିତ ନିୟମଯୁକ୍ତ ଚୁକ୍ତି

Sl. No	Title	Page No
1	ପରିଚୟ Introduction	3-6
2	ନେତାଗଣ ଯେଉଁମାନେ ଖ୍ରୀଷ୍ଟଙ୍କ ପ୍ରତି ଉତ୍ତରଦାୟୀ ହେବେ Leaders who will be accountable to Jesus	7-8
3	ନେତାଗଣ ଯେଉଁମାନେ ଯୀଶୁଙ୍କ ପରି ଆଚରଣ କରନ୍ତି Leaders who live like Jesus	9-10
4	ଯୀଶୁଙ୍କ ସେବା କରୁଥିବା ନେତାମାନେ Leaders who serve Jesus	11-12
5	ଯୀଶୁଙ୍କ ପରି ନେତୃତ୍ୱ ନେଉଥିବା ନେତାମାନେ Leaders who lead like Jesus	13-14
6	ନେତାଗଣ ଯେଉଁମାନେ ଅନ୍ୟ ନେତାମାନଙ୍କୁ ବିକଶିତ କରିବେ Leaders who will develop leaders	15-17
7	ନେତାଗଣ ଯେଉଁମାନେ ଈଶ୍ୱରଙ୍କ ମୂଖ ଅନ୍ୱେଷଣ କରନ୍ତି Leaders who seek God’s face	18-19
8	ଆତ୍ମିକ ଫଳ ଅନ୍ୱେଷଣ କରୁଥିବା ନେତାମାନେ Leaders who will seek spiritual fruit	20-21
9	ସହଯୋଗୀ ନେତାମାନଙ୍କ ସହ କାର୍ଯ୍ୟ କରୁଥିବା ନେତା Leaders who collaborate with fellow leaders	22-24
10	ଅର୍ଥର ବିଶ୍ୱସ୍ତ ପରିଚାଳନା କରୁଥିବା ନେତାମାନେ Leaders who faithfully steward money	25-27
11	ସେବାକାର୍ଯ୍ୟ ପାଇଁ 'ନୂତନକୁମ୍ଭା' ବ୍ୟବହାର କରୁଥିବା ନେତାମାନେ Leaders who use new wineskins to serve	28-29
12	ଶେଷ ମନ୍ତବ୍ୟ Conclusion	30-31

ପ୍ରିୟ ପ୍ରଭୁ,

ମୋତେ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ସେବା ତାହାଙ୍କ ଲୋକ ମାନଙ୍କ ମଧ୍ୟରେ ଜଣେ ନେତା ଭାବେ କରିବା ପାଇଁ ଆହ୍ୱାନ କରିଥିବାରୁ ମୁଁ ଆପଣଙ୍କ ପ୍ରଶଂସା କରୁଛି। ମୁଁ ମୋର ସମ୍ପୂର୍ଣ୍ଣ ହୃଦୟ ସହିତ ମୋର ପ୍ରଭୁ ଓ ନେତା ଯୀଶୁଙ୍କୁ ଅନୁସରଣ କରିବାକୁ ଚାହେଁ ଯେପରି ସେ ନିଜ ଜୀବନଯାପନ କଲେ, ନେତୃତ୍ୱ ନେଲେ ଏବଂ ଲୋକମାନଙ୍କର ବିକାଶ କଲେ। ମୁଁ ଦୃଢ଼ ଭାବରେ କହିବାକୁ ଚାହେଁ ଯେ, ଜଣେ ନେତା ଭାବରେ ମୁଁ ଯୀଶୁଙ୍କ ସଦୃଶ ହୋଇ ବୃଦ୍ଧି ପାଇବାକୁ ଏବଂ ମୋର ପ୍ରଭାବର କ୍ଷେତ୍ରରେ ଥିବା ଅନ୍ୟମାନଙ୍କୁ ମଧ୍ୟ ସେହିପରି ହେବାରେ ସାହାଯ୍ୟ କରିବାକୁ ଚାହେଁ। ତାଙ୍କ ଅନୁଗ୍ରହ ଦ୍ୱାରା, ମୁଁ ନିଜକୁ ଯୀଶୁ ଖ୍ରୀଷ୍ଟଙ୍କ ପରି ହେବାକୁ ଏବଂ ତାଙ୍କରି ପରି ପରିଚାଳନା କରିବାକୁ ସମର୍ପିତ ହେଉଛି।

ନିୟମ:

ସମର୍ପଣ ଶବ୍ଦଟି ସାଧାରଣତଃ ସମସ୍ତ କ୍ଷେତ୍ରରେ ବ୍ୟବହୃତ ହୁଏ ଏବଂ ଏହା ପ୍ରାୟତଃ ସ୍ୱେଚ୍ଛାକୃତ; ଲୋକମାନଙ୍କୁ ନିର୍ଦ୍ଦିଷ୍ଟ କାରଣ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ବାଧ କରାଯାଇପାରିବ ନାହିଁ।

ଚୁକ୍ତିନାମାରେ ଗୁରୁତ୍ୱ କମ୍ ଅଛି କାରଣ ଏଥିରେ ସୁରକ୍ଷା ଯୋଗ ହୋଇଛି, କିନ୍ତୁ ଏହା କେବଳ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ। ଯଦି ଚୁକ୍ତିନାମା କରାଯାଇଥିବା ଉଦ୍ଦେଶ୍ୟ ସମାପ୍ତ ହୁଏ ତେବେ ଚୁକ୍ତିନାମାଟିଶେଷ ହୁଏ।

କିନ୍ତୁ ନିୟମ ସମର୍ପଣ କିମ୍ବା ଚୁକ୍ତିନାମା ପରି ନୁହେଁ। ଏହାକୁ ଏତେ ସହଜରେ ଭଙ୍ଗା ଯାଇପାରିବ ନାହିଁ କାରଣ ଏହା ଦୁଇଟି ହୃଦୟକୁ ନିଜ ନିଜ ମଧ୍ୟରେ ହୋଇଥିବା ଶପଥ ଦ୍ୱାରା ଏକତ୍ର କରେ। ଯଦି ହୃଦୟ ଦୁଇଟି ନିୟମନାମାରେ ଉଲ୍ଲେଖ କରାଯାଇଥିବା ସର୍ତ୍ତାବଳୀ ସହିତ ଅସମ୍ମତ ହେବାକୁ ରାଜି ନହୁଏ, ତେବେ ଏହାକୁ ଶୀଘ୍ର ସମାପ୍ତ କରାଯାଇପାରିବ ନାହିଁ। କିମ୍ବା ଅବିଶ୍ୱସ୍ତତା ମୁଖ୍ୟ ପ୍ରସଙ୍ଗ ହୋଇଥାଏ ଯାହା ଦ୍ୱାରା ନିୟମନାମା ଅଗ୍ରାହ୍ୟ ହୁଏ।

ଯେତେବେଳେ ଦୁଇ ବ୍ୟକ୍ତି କିମ୍ବା ଗୋଷ୍ଠୀ କୌଣସି ଚୁକ୍ତିର ସର୍ତ୍ତାବଳୀରେ ରାଜି ହୁଅନ୍ତି ଏବଂ ସେଥିରେ ସ୍ୱାକ୍ଷର କରି ସାମିଲ ହୁଅନ୍ତି, ସେତେବେଳେ ସେମାନେ ସମାନ ଦାୟିତ୍ୱ, ସମାନ ତ୍ୟାଗ ଏବଂ ପାରସ୍ପରିକ ସ୍ୱଚ୍ଛତା ମାଧ୍ୟମରେ ସେହି ଚୁକ୍ତିକୁ ସମ୍ମାନ ଦେବାକୁ ସହମତ ହୁଅନ୍ତି। ସେମାନେ କୌଣସି ବିଷୟକୁ ଅଣଦେଖା ନ କରି କିମ୍ବା ଗୁପ୍ତ ନ ରଖି, ପରସ୍ପର ସହିତ ବୋଝ ଏବଂ ଭାବନା ବାଣ୍ଟିବା ପାଇଁ ଆନ୍ତରିକତାର ସହ ପ୍ରତିଶ୍ରୁତିବଦ୍ଧ ହୁଅନ୍ତି। ଯେତେବେଳେ ଏହି ଚୁକ୍ତି କାର୍ଯ୍ୟକାରୀ ହୁଏ, ସେତେବେଳେ ସେମାନଙ୍କ ମଧ୍ୟରେ ଥିବା ସାମୂହିକ ଦାୟିତ୍ୱବୋଧ ଏବଂ ପାରସ୍ପରିକ ବିଶ୍ୱାସ ସ୍ପଷ୍ଟ ଭାବେ ଦେଖାଯାଏ।

ବାଇବଲରେ ଥିବା ପାଞ୍ଚଟି ମୌଳିକ ଚୁକ୍ତି:

ଆମେ ବାଇବଲରୁ ଜାଣିପାରୁ ଯେ, ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ 'ନୂତନ ନିୟମ' ସ୍ଥାପନ କରିବା ପୂର୍ବରୁ, ପରମେଶ୍ୱର ନୋହ, ଅବ୍ରହାମ, ମୋଶା ଏବଂ ଦାଉଦଙ୍କ ସହିତ ଚୁକ୍ତି ସ୍ଥାପନ କରିଥିଲେ।

ମନୁଷ୍ୟ (ପୁରୁଷ ଓ ସ୍ତ୍ରୀ)ଙ୍କୁ ସୃଷ୍ଟି କଲା ଉତ୍ତାରେ, ପରମେଶ୍ୱର ସେମାନଙ୍କ ସହ ଥିବା ସମ୍ପର୍କର ନିୟମାବଳୀ ସ୍ଥିର କଲେ। ସେ ସେମାନଙ୍କୁ 'ଭଲ ଓ ମନ୍ଦ ଜ୍ଞାନ ଦାୟକ ବୃକ୍ଷ'ର ଫଳ ନ ଖାଇବାକୁ ଚେତାବନୀ ଦେଲେ, କାରଣ ତାହା ମାନବଜାତି ଉପରେ ମୃତ୍ୟୁର ଅଭିଶାପ ଆଣିବ। ଚୁକ୍ତି ପ୍ରତି ବିଶ୍ୱସ୍ତ ରହିବାର ପ୍ରଥମ ପରୀକ୍ଷାରେ ମନୁଷ୍ୟ ବିଫଳ ହେଲା। ଏହା ଫଳରେ ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ଥିବା ସମ୍ପର୍କ ଭଗ୍ନ ହେଲା ଏବଂ ମାନବଜାତି ଭ୍ରଷ୍ଟତା ଓ ମୃତ୍ୟୁ ମଧ୍ୟକୁ ଠେଲି ହୋଇଗଲା। ବାଇବଲର ଅବଶିଷ୍ଟ ଅଂଶରେ ବର୍ଣ୍ଣନା କରାଯାଇଛି ଯେ, କିପରି ପରମେଶ୍ୱର ମନୁଷ୍ୟ ସହିତ ଭଗ୍ନ ସମ୍ପର୍କକୁ ସହଯୋଗ ସହକାରେ ପୁନଃସ୍ଥାପନ କରୁଛନ୍ତି।

ନୋହ: ଏହା ସାଧାରଣତଃ 'ମେଘଧନୁ ଚୁକ୍ତି' ବୋଲି କୁହାଯାଏ। ପରମେଶ୍ୱର ନୋହ ଏବଂ ପୃଥିବୀର ସମସ୍ତ ଜୀବଜନ୍ତୁଙ୍କ ସହ ଏକ ଔପଚାରିକ ସମ୍ପର୍କ ସ୍ଥାପନ କଲେ। ସେ ପ୍ରତିଶ୍ରୁତି ଦେଲେ ଯେ, ମାନବଜାତି ମଧ୍ୟରେ ପାପ ବା ଭ୍ରଷ୍ଟତା ଥିଲେ ମଧ୍ୟ, ସେ ଆଉ କେବେବି ଜଳପ୍ଳାବନ ଦ୍ୱାରା ପୃଥିବୀକୁ ନଷ୍ଟ କରିବେ ନାହିଁ (ଉତ୍ପତ୍ତି ୮:୨୦ - ୯:୧୭)। ନୋହଙ୍କ ସହିତ ଈଶ୍ୱର ଏକ ନିୟମ ସ୍ଥାପନ କରିବା ପରେ ମଧ୍ୟ, ଦୁଷ୍ଟତା ପୃଥିବୀକୁ ବିନାଶ କରିଚାଲିଲା (ଉତ୍ପତ୍ତି ୯:୧୧)।

ଅବ୍ରହାମ: ଈଶ୍ୱର ଏବଂ ଅବ୍ରାହାମଙ୍କ ମଧ୍ୟରେ ଥିବା ଏହି ଉଦ୍ଧାର ସମ୍ବନ୍ଧୀୟ ଚୁକ୍ତି ବା ନିୟମ, ଉତ୍ପତ୍ତି ପୁସ୍ତକର ୧୨, ୧୫ ଏବଂ ୧୭ ଅଧ୍ୟାୟରେ କ୍ରମଶଃ ବିକଶିତ ହୋଇଛି। ନୋହଙ୍କ ସହ ହୋଇଥିବା ନିୟମ ପରି, ଏହି ନିୟମ ସହିତ ମଧ୍ୟ ଏକ ବାହ୍ୟ ଚିହ୍ନ ରହିଛି, ଯାହା ଅବ୍ରାହାମ ଏବଂ ତାଙ୍କ ବଂଶଧରମାନଙ୍କ ପାଇଁ ଏକ ସ୍ମାରକ ଅଟେ। ଈଶ୍ୱର ପୁରୁଷମାନଙ୍କୁ ସୁନ୍ନତ (circumcision) ହେବା ପାଇଁ ଆଦେଶ ଦେଇଥିଲେ (ଉତ୍ପତ୍ତି ୧୭:୯-୧୪)।

ମୋଶାଙ୍କ ସହ ନିୟମ (Mosaic Covenant): ଈଶ୍ୱର ଇସ୍ରାଏଲକୁ ସୀନୟ ପର୍ବତରେ ଦିଆଯାଇଥିବା ସମସ୍ତ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ପ୍ରତିଶ୍ରୁତି ଦେଇଥିଲେ ଯେ, ଯଦି ସେମାନେ ତାଙ୍କ ଆଦେଶ ପାଳନ କରନ୍ତି ତେବେ ଆଶୀର୍ବାଦ ପାଇବେ, କିନ୍ତୁ ଯଦି ସେଗୁଡ଼ିକୁ ଅବହେଳା କରନ୍ତି ତେବେ ଅଭିଶାପ ଭୋଗ କରିବେ (ଦ୍ୱିତୀୟ ବିବରଣ ୨୮)।

ଦାଉଦ: ଈଶ୍ୱର ଦାଉଦଙ୍କ ସହିତ ଏକ ଆକାଂକ୍ଷା ସହିତ ନିୟମ ସ୍ଥାପନ କରନ୍ତି ଯେପରି ଦାଉଦଙ୍କ ନାମକୁ ମହାନ କରିବାକୁ ଏବଂ ତାଙ୍କ ବଂଶରୁ ଏପରି ଜଣେ ବଂଶଧରଙ୍କୁ ଉତ୍ଥାପନ କରିବାକୁ ପ୍ରତିଶ୍ରୁତି ଦିଅନ୍ତି, ଯାହାଙ୍କ ସିଂହାସନ ଓ ରାଜ୍ୟ ଅନନ୍ତକାଳ ସ୍ଥାୟୀ ହେବ (୨ ଶାମୁୟେଲ ୭)।

ଯିରିମିୟଙ୍କ ଦ୍ୱାରା ଘୋଷିତ ନୂତନ ନିୟମ: ପିଢ଼ି ପରେ ପିଢ଼ି, ଇସ୍ରାଏଲ ଲୋକମାନେ ଯିହୋବା (ଈଶ୍ୱର)ଙ୍କ ସହିତ ହୋଇଥିବା ନିୟମର ସର୍ତ୍ତଗୁଡ଼ିକୁ ଭ୍ରୂକ୍ଷେପ ନ କରି, ଆଜ୍ଞାଗୁଡ଼ିକୁ ଲଙ୍ଘନ କଲେ ଏବଂ ଭଲ ଓ ମନ୍ଦ ବିଷୟକ ନିଜସ୍ୱ ମାନଦଣ୍ଡ ଅନୁସାରେ ଜୀବନଯାପନ କଲେ। ବିଦ୍ରୋହ ଓ ନିର୍ବାସନ ମଧ୍ୟରେ, ଏବ୍ରୀ ଜାତିର ଭାବବାଦୀମାନେ ଏକ ନୂତନ ନିୟମ ବିଷୟରେ କହିଲେ ଯେ, ଈଶ୍ୱର ଦିନେ ନିଜର ସମସ୍ତ ପ୍ରତିଜ୍ଞା ପୂରଣ କରିବେ, ନିଜ ଲୋକମାନଙ୍କ ସହିତ ଥିବା ସମ୍ପର୍କକୁ ପୁନଃସ୍ଥାପନ କରିବେ ଏବଂ ସେମାନଙ୍କ ମାଧ୍ୟମରେ ଅନ୍ୟ ଜାତିଗୁଡ଼ିକୁ ଆଶୀର୍ବାଦ ପ୍ରଦାନ କରିବେ (ଯିରିମିୟ ୩୧:୩୧-୩୪)।

ଯୀଶୁ ହେଉଛନ୍ତି ନିୟମର ଶେଷ: ଏହି ନିୟମର ପ୍ରତ୍ୟାଶା କାହାଣୀକୁ ଆଗକୁ ନେଇ 'ନୂତନ ନିୟମ' (New Testament) ପର୍ଯ୍ୟନ୍ତ ପହଞ୍ଚାଏ, ଯେଉଁଠାରେ ଆମେ ଯୀଶୁଙ୍କ ବିଷୟରେ ଜାଣିବାକୁ ପାଉ (ମାଥିଉ ୨୬:୨୬-୨୯)। ମାନବଜାତି ଯେଉଁ ସବୁ ବିଷୟରେ ବିଫଳ ହୋଇଥିଲା, ଯୀଶୁ ସେହି ପ୍ରତ୍ୟେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ସଫଳ ହେଲେ। ସେ ହେଉଛନ୍ତି ଏହି ନୂତନ ଓ ଉତ୍ତମ ନିୟମର ଜାମିନ (guarantor) ଏବଂ ମଧ୍ୟସ୍ଥ।

ଈଶ୍ୱରଙ୍କ ରାଜ୍ୟରେ ମୋର ପ୍ରିୟ ନେତାଗଣ, ଆମେ ଈଶ୍ୱରଙ୍କ ଆହ୍ୱାନର ପ୍ରତିଉତ୍ତର ଦେଇ, ତାଙ୍କ ସହିତ ଏକ ନିୟମ ସ୍ଥାପନ କରି, ସେ ଆମ ସମ୍ମୁଖରେ ରଖିଥିବା ଦୌଡ଼ରେ ଅଂଶଗ୍ରହଣ ଆରମ୍ଭ କରିବାର ଅନେକ ବର୍ଷ ବିତିଗଲାଣି। ଯିଏ ଆମକୁ ଆହ୍ୱାନ କାଲେ ବିଶ୍ୱସ୍ତ ଅଟନ୍ତି। ସେ ନିଜ ନିୟମ ପ୍ରତି ବିଶ୍ୱସ୍ତ ରହିଛନ୍ତି ଏବଂ ନିଜ ଅନୁଗ୍ରହ ଦ୍ୱାରା, ଏପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପରେ ଆମକୁ ପଥ ପ୍ରଦର୍ଶନ କରି ଆସିଛନ୍ତି।

ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଖ୍ରୀଷ୍ଟୀୟ ପରିବେଶରେ, ଯେତେବେଳେ ଆମେ ବିଭିନ୍ନ ଅସୁବିଧା, ଦ୍ୱନ୍ଦ୍ୱ, ବିଶୃଙ୍ଖଳା, ବିରୋଧ ଏବଂ ଅତ୍ୟାଚାର ମଧ୍ୟରେ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଧାରିତ ଦୌଡ଼ରେ ଅଛୁ, ସେତେବେଳେ ପ୍ରଭୁଙ୍କ ସହିତ ଆମର ସେହି ନିୟମକୁ ଆମ ସେବାକାର୍ଯ୍ୟର ଦୀର୍ଘ ବର୍ଷ ମଧ୍ୟରେ, ପ୍ରଭୁ ବିଶ୍ୱସ୍ତତାର ସହ ଆମକୁ ଜୀବନର ପ୍ରତ୍ୟେକ ପର୍ଯ୍ୟାୟ ଦେଇ ବୋହି ନେଇଛନ୍ତି। ଆମେ ଜୀବନରେ ଉତ୍ଥାନ-ପତନ, ଦାରିଦ୍ର୍ୟ ଓ ସମୃଦ୍ଧି, କ୍ଷୁଧା ଓ ଯୋଗାଣ, ପ୍ରାନ୍ତର ଯାତ୍ରା, ସଂଘର୍ଷ ଓ ଯୁଦ୍ଧ, ପ୍ରତ୍ୟାଖ୍ୟାନ ଓ ମିଥ୍ୟା ପୁନଃସ୍ମରଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଦ୍ୱାରା ନିଜର ଆହ୍ୱାନକୁ ମନେ ପକାଇପାରୁ, ନିଜର ପ୍ରତିଶ୍ରୁତିକୁ ନବୀକରଣ

କରିପାରୁ ଏବଂ ଆମ ହୃଦୟକୁ ପୁନର୍ବାର ସେହି ଲକ୍ଷ୍ୟ ଉପରେ କେନ୍ଦ୍ରୀଭୂତ କରିପାରୁ ଯାହା ଈଶ୍ୱର ଆମ ସମ୍ମୁଖରେ ରଖିଛନ୍ତି।ଅଭିଯୋଗ, ଅତ୍ୟାଚାର ଓ ନିରାଶା, ବିଶ୍ୱାସଘାତକତା ଓ ଅସୁସ୍ଥତା, ତଥା ଦୁର୍ବଳତା ଓ କ୍ଳାନ୍ତିର ଅନୁଭୂତି ଲାଭ କରିଛୁ। ତଥାପି, ଏସବୁ ମଧ୍ୟରେ ଆମେ ଈଶ୍ୱରଙ୍କ ଅବିରତ ଅନୁଗ୍ରହ, ଅପାର ଦୟା, ପ୍ରଚୁର ଆଶୀର୍ବାଦ ଏବଂ ମହା ଚମତ୍କାରକୁ ମଧ୍ୟ ଦେଖିବାକୁ ପାଇଛୁ।

ପ୍ରଭୁ ଆମ ପାଇଁ ଯାହା କରିଛନ୍ତି, ତାହା ଦୃଷ୍ଟିରେ ରଖି, ଏବେ ସମୟ ଆସିଛି ଆମ ଜୀବନକୁ ପୁନର୍ବାର ପର୍ଯ୍ୟବେକ୍ଷଣ କରିବା ଏବଂ ପ୍ରଭୁଙ୍କ ସହିତ ଆମେ କରିଥିବା ଚୁକ୍ତି (ନିୟମ) ପ୍ରତି ଆମେ କେତେ ବିଶ୍ୱସ୍ତ ରହିଛୁ, ତାହା ଯାଞ୍ଚ କରିବା। ଯଦି ଆମେ ଦେଖୁ ଯେ ଆମେ ସେହି ଚୁକ୍ତିବଦ୍ଧ ପ୍ରତିଶ୍ରୁତିରୁ ଦୂରେଇ ଯାଇଛୁ, ତେବେ ଆସନ୍ତୁ ପ୍ରଭୁଙ୍କ ସମ୍ମୁଖରେ ନମ୍ର ହେବା ଏବଂ ତାଙ୍କ ନିକଟରେ କ୍ଷମା ଭିକ୍ଷା କରିବା। ଆସନ୍ତୁ ତାଙ୍କ ନିକଟରେ ଆଉ ଏକ ସୁଯୋଗ ମାଗିବା, ଯେପରି ଆମେ ତାଙ୍କ ସହିତ ବିଶ୍ୱସ୍ତ ଭାବରେ ଚାଲିପାରିବା ଏବଂ ସେ ଆମକୁ ଦେଇଥିବା ଦୌଡ଼କୁ ସମାପ୍ତ କରିପାରିବା।

'ବେଶ, ଉତ୍ତମ ଓ ବିଶ୍ୱସ୍ତ ଦାସ! ତୁମେ ଅଳ୍ପ ବିଷୟରେ ବିଶ୍ୱସ୍ତ; ମୁଁ ତୁମକୁ ଅନେକ ବିଷୟ ଉପରେ ଅଧିକାର ଦେବି। ଆସ, ତୁମ ପ୍ରଭୁଙ୍କ ଆନନ୍ଦର ସହଭାଗୀ ହୁଅ!' ଆସନ୍ତୁ ଆମ ଜୀବନକୁ ଏପରି ଭାବରେ ପ୍ରସ୍ତୁତ କରିବା ଯେପରି ଆମେ ପ୍ରତିଦିନ ଯୀଶୁ ଖ୍ରୀଷ୍ଟଙ୍କ ଠାରୁ ଏହି ବାକ୍ୟ ଶୁଣିପାରିବା।

"ଦେଖ, ଆମ୍ଭେ ଶୀଘ୍ର ଆସୁଅଛୁ! ଆମ୍ଭର ପୁରସ୍କାର ଆମ୍ଭ ସହିତ ଅଛି, ଏବଂ ପ୍ରତ୍ୟେକ ଜଣଙ୍କ କର୍ମ ଅନୁସାରେ ଆମ୍ଭେ ସେମାନଙ୍କୁ ଫଳ ଦେବା।" (ପ୍ରକାଶିତ ବାକ୍ୟ ୨୨:୧୨)। ଯେହେତୁ ଏହି ବାକ୍ୟ ଆମକୁ ମନେ ପକାଇ ଦିଏ, ତେବେ ଆସନ୍ତୁ ପ୍ରତ୍ୟେକ ଦିନ

ବିଶ୍ୱସ୍ତତାର ସହ ପ୍ରସ୍ତୁତ ହୋଇ ଜୀବନଯାପନ କରିବା; ଯାହାଫଳରେ ଯେତେବେଳେ ଆମେ ଖ୍ରୀଷ୍ଟଙ୍କ ବିଚାରାସନ ସମ୍ମୁଖରେ ଉଭା ହେବା, ସେତେବେଳେ ଆମେ ଆନନ୍ଦର ସହ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିଜ ହାତରୁ ଆମର ପୁରସ୍କାର ଗ୍ରହଣ କରିପାରିବା।

ଆସନ୍ତୁ, ଆମେ ବର୍ତ୍ତମାନ ପୁନର୍ବାର ପ୍ରଭୁଙ୍କ ଚୁକ୍ତି ମଧ୍ୟକୁ ଯିବା ଏବଂ ସମ୍ପୂର୍ଣ୍ଣ ହୃଦୟର ଭକ୍ତି ତଥା ଦୃଢ଼ ବିଶ୍ୱସ୍ତତା ସହ ତାଙ୍କ ପ୍ରତି ଥିବା ଆମର ସମର୍ପଣକୁ ନୂତନୀକରଣ କରିବା।

ଖ୍ରୀଷ୍ଟରେ ଆପଣଙ୍କ ଭ୍ରାତା,

ସାମ୍ ସୁନ୍ଦର ସିଂହ।

ନେତାଗଣ ଯେଉଁମାନେ ଖ୍ରୀଷ୍ଟଙ୍କ ପ୍ରତି ଉତ୍ତରଦାୟୀ ହେବେ (LC-1)

"ମୁଁ ମୋର ପ୍ରଭୁ ଖ୍ରୀଷ୍ଟଙ୍କ ପ୍ରତି ଉତ୍ତରଦାୟୀ ଅଟେ। ସେ ମୋତେ ମୂଲ୍ୟାଙ୍କନ ଓ ପୁରସ୍କୃତ କରିବେ। ମୁଁ ମୋର ପ୍ରଭୁ, ତାହାଙ୍କ ରାଜ୍ୟ, ଏବଂ ତାହାଙ୍କ ଲୋକମାନଙ୍କ ନିମନ୍ତେ ସେବା, ଆନନ୍ଦ ଓ ବଳିଦାନରେ ପୂର୍ଣ୍ଣ ଏକ ଜୀବନ ନିମନ୍ତେ ଆହୂତ ହୋଇଅଛି।"

"ଏଣୁ ମଧ୍ୟ ନିବାସୀ ହେଉ ବା ପ୍ରବାସୀ ହେଉ, ତାହାଙ୍କ ନିକଟରେ ସନ୍ତୋଷପାତ୍ର ହେବା ଆମ୍ଭମାନଙ୍କର ଏକାନ୍ତ ବାସନା। କାରଣ ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରସନ ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ।" (୨ କରି. ୫: ୯-୧୦)।

ଆଜିକାଲି ଅନେକ ନେତାଙ୍କ ପାଇଁ ଭାବମୂର୍ତ୍ତି ବଜାୟ ରଖିବା ଏକ ପ୍ରାଥମିକତା ପାଲଟିଯାଇଛି। ଏହା ବିଶ୍ୱାସ କରାଯାଉଛି ଯେ, ଜଣେ ନେତାଙ୍କର ପ୍ରତିଛବି ସଫଳତା ନିର୍ଣ୍ଣୟ କରେ। ଯୁବା ଦେଖାଯାଉଥିବା ଫଟୋ, ପ୍ରଭାବଶାଳୀ ପରିଚୟ, ବ୍ରାଣ୍ଡେଡ୍ ପୋଷାକ, ଉପାଧି ଏବଂ ସାର୍ବଜନୀନ ସ୍ୱୀକୃତି (recognition) ପ୍ରାୟତଃ ପ୍ରଭାବ ପ୍ରଦର୍ଶିତ କରିବା ଏବଂ ଅନୁଗାମୀମାନଙ୍କୁ ଆକର୍ଷିତ କରିବା ପାଇଁ ବ୍ୟବହାର କରାଯାଏ।

ପ୍ରତିଛବି ଉପରେ ଏହି ଧ୍ୟାନ ନେତାମାନଙ୍କୁ ସେମାନଙ୍କର ବିଶ୍ୱାସ ପ୍ରତି ବିଶ୍ୱସ୍ତ ରହିବା ପରିବର୍ତ୍ତେ ସାଧାରଣ ଲୋକଙ୍କ ଅନୁମୋଦନ ପାଇବାକୁ ପ୍ରେରଣା ଦେଇପାରେ। ଲୋକପ୍ରିୟତା ବଜାୟ ରଖିବା ପାଇଁ, ସେମାନେ କଠିନ ସତ୍ୟତାକୁ ଏଡ଼ାଇ ପାରନ୍ତି, ପରମେଶ୍ୱରଙ୍କ ବାକ୍ୟ ପ୍ରଚାରକୁ ମନ୍ଦୁ କରିପାରନ୍ତି ଏବଂ ବାଇବଲର ଅଖଣ୍ଡତାକୁ ସାଲିସ୍ କରିପାରନ୍ତି। ସେବା ବିଷୟକ ଭାବମୂର୍ତ୍ତି ପ୍ରାୟତଃ ସମର୍ଥନ ଏବଂ ସ୍ୱୀକୃତି ପାଇବା ପାଇଁ ସଫଳତାର ଏକ ରୂପକୁ ପ୍ରୋତ୍ସାହିତ କରେ।

ଏପରି ନେତାମାନେ "ହୃଦୟର ବିଷୟ ଠାରୁ ବାହ୍ୟ ବିଷୟ ଉପରେ" ଗର୍ବ କରନ୍ତି (2 କରିନ୍ଥୀୟ 5:12b)। ସେମାନେ ଆତ୍ମିକ ପରିପକ୍ୱତା, ପବିତ୍ରତା, ନମ୍ରତା, ସେବା ଏବଂ ସେବକମାନଙ୍କ ଯତ୍ନ ଅପେକ୍ଷା ପ୍ରଦର୍ଶନ, ଅଭିବୃଦ୍ଧି ଏବଂ ଭାବମୂର୍ତ୍ତି ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ସେମାନଙ୍କର ପୁରସ୍କାର ପ୍ରାୟତଃ ସାଧାରଣ ପ୍ରଶଂସା ଏବଂ ସ୍ୱୀକୃତି ଅଟେ, ଯେତେବେଳେ କି ଖ୍ରୀଷ୍ଟଙ୍କ ନାମ ପଶ୍ଚାଦଭାଗକୁ ରଖି ଦିଆଯାଏ।

ବିପରୀତ ଭାବେ, ପ୍ରକୃତ ଖ୍ରୀଷ୍ଟୀୟ ନେତାମାନେ ପରମେଶ୍ୱରଙ୍କ ନିକଟରେ ପୂର୍ଣ୍ଣ ଦାୟିତ୍ୱ ଏବଂ ତାହାଙ୍କ ନିମନ୍ତେ ଗୌରବର ଇଚ୍ଛା ସହ ବଞ୍ଚନ୍ତି। ପାଉଲଙ୍କ ପରି ସେମାନଙ୍କର ଲକ୍ଷ୍ୟ ଯୀଶୁଖ୍ରୀଷ୍ଟଙ୍କୁ ସନ୍ତୁଷ୍ଟ କରିବା, ଏହା ଜାଣି ଯେ ଏକ ଦିନ ସେମାନେ ତାଙ୍କ ସମ୍ମୁଖରେ ନିକାଶ ଦେବେ। ଏହି ହୃଦବୋଧ, ଜୀବନ ଏବଂ ସେବା ଉଭୟରେ ସଚ୍ଚୋଟତା ସୃଷ୍ଟି କରେ। ନେତୃତ୍ୱର ପ୍ରକୃତ ମାପକାଠି ହେଉଛି ଜନମତ ନୁହେଁ ବରଂ ଖ୍ରୀଷ୍ଟ ଜଣଙ୍କ ଚରିତ୍ର ଏବଂ ଆଚରଣରେ କେତେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୁଅନ୍ତି ତାହା ଅଟେ।

ଯୀଶୁଙ୍କ ପ୍ରତି ପୂର୍ଣ୍ଣ ଦାୟିତ୍ୱର ଅର୍ଥ ହେଉଛି ତାଙ୍କଠାରେ ଲୁଚି ରହିବାକୁ ବାଛିବା ଯାହା ଦ୍ୱାରା ଖ୍ରୀଷ୍ଟ ପ୍ରକାଶିତ ହେବେ। ବାପ୍ତିଜକ ଯୋହନଙ୍କ ପରି, ଖ୍ରୀଷ୍ଟିଆନ ନେତାମାନେ ଘୋଷଣା କରି କହନ୍ତି, "ତାହାଙ୍କୁ ଅବଶ୍ୟ ବୃଦ୍ଧି ପାଇବାକୁ ହେବ; କିନ୍ତୁ ମୋତେ ହ୍ରାସ ହେବାକୁ ହେବ।" (ଯୋହନ 3:30) ସେମାନେ ପଦବୀ କିମ୍ବା କ୍ଷମତା ଖୋଜନ୍ତି ନାହିଁ ବରଂ ସରଳତା, ପବିତ୍ରତା ଏବଂ ବିଶ୍ୱସ୍ତତାକୁ

ଅନୁସରଣ କରନ୍ତି। ସେମାନେ ଭୟ ବିନା ସତ୍ୟ କୁହନ୍ତି, ଆବଶ୍ୟକ ହେଲେ ସ୍ୱୀକୃତିକୁ (recognition) ସମର୍ପଣ କରିଦିଅନ୍ତି ଏବଂ ପରମେଶ୍ୱର ସେମାନଙ୍କୁ ଯେଉଁଠାରେ ରଖନ୍ତି ସେଠାରେ ସେବା କରନ୍ତି। ପରମେଶ୍ୱରଙ୍କ ପ୍ରେମରେ ସୁରକ୍ଷିତ ରହି, ସେମାନେ ବିଶ୍ୱସ୍ତ ରୁହନ୍ତି କାରଣ କେବଳ ଗୋଟିଏ ସମ୍ମାନ ପ୍ରକୃତରେ ସ୍ଥାୟୀ ରହେ ଯାହାକି ଖ୍ରୀଷ୍ଟଙ୍କ ଠାରୁ ଆସେ।

କେଉଁ ବିଷୟ ଆପଣଙ୍କୁ ଅନୁଯୋଗ କରୁଅଛି? ଖ୍ରୀଷ୍ଟଙ୍କ ପ୍ରତି ସମର୍ପିତ ହେବାକୁ ଆପଣଙ୍କୁ କେଉଁ ବିଷୟ ଉତ୍ସାହିତ କରିଅଛି?

ଆପଣଙ୍କ ଜୀବନ ଏବଂ ସେବାରେ ଖ୍ରୀଷ୍ଟଙ୍କ ଗୌରବ ଅନ୍ୱେଷଣ ସହିତ ଆପଣ ଯେଉଁମାନଙ୍କର ସେବା କରନ୍ତି ସେମାନଙ୍କ ପ୍ରତି ଉତ୍ତରଦାୟୀ ରହିବାରେ ଆପଣ କିପରି ସନ୍ତୁଳନ ରକ୍ଷା କରିବେ?

ଖ୍ରୀଷ୍ଟଙ୍କ ପ୍ରତି ଦାୟିତ୍ୱ ବିକାଶ କରିବାର ଉପାୟ ଆରମ୍ଭ କରିବା ଏବଂ ଅନ୍ୟକୁ ବାଣ୍ଟିବା ପାଇଁ ନେତୃତ୍ୱରେ ଏକ ପରିବର୍ତ୍ତନକୁ ବାଛନ୍ତୁ।

• ପ୍ରଦର୍ଶନ କରିବାର ନେତୃତ୍ୱରୁ ନେତୃତ୍ୱରେ ସରଳତା ଆଡ଼କୁ।

• ସ୍ଥିତିବାନ (status) ନେତା ହେବାର ଆୟୋଜନରୁ ସେବକ ନେତା ଆଡକୁ।

• ନେତୃତ୍ୱର ଲୋକପ୍ରିୟତାରୁ ନେତୃତ୍ୱର ପବିତ୍ରତା ଆଡକୁ।

• ପ୍ରଭାବଶାଳୀ ପ୍ରଦର୍ଶନର ଅନୁସରଣ କରିବାରୁ ନିଜର ସଚ୍ଚୋଟତା ଅଭ୍ୟାସ ଆଡ଼କୁ।

• ଲୋକମାନଙ୍କ ଠାରୁ ଅନୁମୋଦନ ପ୍ରାପ୍ତ (କାର୍ଯ୍ୟ) ଠାରୁ ଖ୍ରୀଷ୍ଟଙ୍କ ଦ୍ୱାରା ଗ୍ରହଣ ଆଡ଼କୁ।

ପ୍ରାର୍ଥନା : ପ୍ରଭୁ, ମୋତେ କ୍ଷମା କର ମୁଁ ଯେତେବେଳେ ଆପଣଙ୍କର ଅନୁମୋଦନ ପାଇବା ଅପେକ୍ଷା ଲୋକମାନଙ୍କର ଅନୁମୋଦନ ପ୍ରାପ୍ତ ହେବାକୁ ଚେଷ୍ଟା କରିଛି ଓ ତୁମର ନାମକୁ ଅଗୌରବ ଆଣିଦେଇଛି। ମୁଁ ଯେଉଁ ସମୟରେ ସତ୍ୟ କହିବାର ଉଚିତ ଥିଲା, ମୋର ସଚ୍ଚୋଟତାରେ ସାଲିସ କରି ଗ୍ରହଣୀୟତା ଲାଭ କରିବାକୁ ଓ ଅନ୍ୟକୁ ରକ୍ଷା କରିବା ପରିବର୍ତ୍ତେ ଆପଣା ସମ୍ମାନକୁ ଖୋଜି ନୀରବ ରହିଛି। ମୋ' ପ୍ରତି ଦୟା କର। ମୋତେ ନମ୍ରତା ଓ ଅନୁଗ୍ରହ ଶିକ୍ଷା ଦିଅ। ମୋର ଆଖିକୁ ତୁମର ଅନନ୍ତକାଳୀନ ପୁରସ୍କାର ଉପରେ ସ୍ଥିର କର ଏବଂ ଖ୍ରୀଷ୍ଟଙ୍କ ବିଚାରର ଆଲୋକରେ ମୋତେ ବଞ୍ଚିବାକୁ ସହାୟତା କର। ଖ୍ରୀଷ୍ଟଙ୍କ ଠାରୁ ସମ୍ମାନ ପ୍ରାପ୍ତି ମୋର ସର୍ବୋଚ୍ଚ ପ୍ରଚେଷ୍ଟା ହେଉ ଓ ମୁଁ ଯେପରି ଲୋକମାନଙ୍କ ଭାବନା ବିଷୟରେ ଚିନ୍ତା ନ କରି, ଆପଣ ମୋ' ବିଷୟରେ କଅଣ କହନ୍ତି ସେ ବିଷୟରେ ଅଧିକ ଯତ୍ନବାନ ହୋଇପାରିବି। **ଯୀଶୁଙ୍କ ନାମରେ। ଆମେନ।**

ନେତାଗଣ ଯେଉଁମାନେ ଯୀଶୁଙ୍କ ପରି ଆଚରଣ କରନ୍ତି (LC-2)

"ମୁଁ ଅଧିକ ରୂପେ ହୃଦୟରୁ ଯୀଶୁଙ୍କ ପରି ହେବାକୁ ଏବଂ ମୋ' ହୃଦୟ ଏବଂ ଜୀବନରେ ତାଙ୍କ ଚରିତ୍ରକୁ ପ୍ରତିଫଳିତ କରିବାକୁ ଇଚ୍ଛା କରେ।"

"'ମୁଁ ଯେପରି ଖ୍ରୀଷ୍ଟଙ୍କ ଅନୁକାରୀ, ତୁମ୍ଭେମାନେ ମଧ୍ୟ ସେହିପରି ମୋହର ଅନୁକାରୀ ହୁଅ। ଯେଣୁ ସମସ୍ତ ବିଷୟ ତୁମ୍ଭମାନଙ୍କ ସକାଶେ ହେଉଅଛି, ଯେପରି ଅନେକ ଲୋକଙ୍କଠାରେ ଅନୁଗ୍ରହ ଅତ୍ୟଧିକ ବୃଦ୍ଧି ପାଇ ଈଶ୍ୱରଙ୍କ ଗୌରବାର୍ଥେ ବହୁଳ ଧନ୍ୟବାଦର କାରଣ ହୁଏ। ତେଣୁ ଆମ୍ଭେମାନେ କ୍ଳାନ୍ତ ହେଉ ନାହୁଁ, କିନ୍ତୁ ଆମ୍ଭମାନଙ୍କର ବାହ୍ୟିକ ପୁରୁଷ କ୍ଷୟ ପାଇଲେ ସୁଦ୍ଧା ଆମ୍ଭମାନଙ୍କ ଆନ୍ତରିକ ପୁରୁଷ ଦିନକୁ ଦିନ ନୂତନୀକୃତ ହେଉଅଛି। କାରଣ ଏହି କ୍ଷଣକାଳସ୍ଥାୟୀ ଲଘୁ କ୍ଳେଶ ଅତ୍ୟଧିକ ବାହୁଲ୍ୟ ରୂପେ ଆମ୍ଭମାନଙ୍କ ନିମନ୍ତେ ଅନନ୍ତ-କାଳସ୍ଥାୟୀ ମହା ଗୌରବ ସାଧନ କରୁଅଛି। (୧ କରିନ୍ଥୀୟ ୧୧:୧, ୨ କରିନ୍ଥୀୟ 4:15-17)

ଆଜି ବିଚଳିତ କଲା ଭଳି ଏକ ବାସ୍ତବତା ହେଉଛି ଯେ, ଖ୍ରୀଷ୍ଟିୟ ନେତାମାନେ ନିଜେ ପରମେଶ୍ୱରଙ୍କ ରାଜ୍ୟର ବୃଦ୍ଧି ଏବଂ ସାକ୍ଷ୍ୟକୁ (witness) ବାଧା ଦେଇପାରନ୍ତି। ଚର୍ଚ୍ଚଗୁଡ଼ିକ ବହୁଗୁଣିତ ହୋଇପାରେ, କିନ୍ତୁ ବିଶ୍ୱାସୀମାନେ କ'ଣ ପ୍ରକୃତରେ ଖ୍ରୀଷ୍ଟଙ୍କଠାରେ ପରିପକ୍ୱ ହେଉଛନ୍ତି? ଅନେକ ଖ୍ରୀଷ୍ଟଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରନ୍ତି, ତଥାପି ବିଭାଜନ ଲାଗି ରହେ। ନେତାମାନେ ନିଜର ଗର୍ବ ପ୍ରଦର୍ଶନ କରି ଖ୍ରୀଷ୍ଟଙ୍କ ପ୍ରେମର ପ୍ରଚାର କିପରି କରିପାରିବେ, କିମ୍ବା କୌଣସି ତାରକା (star) ପରି କାର୍ଯ୍ୟ କରି ସେବକ ହେବାର ଦାବି କିପରି କରିପାରିବେ?

ଯୀଶୁଙ୍କ ସମୟରେ ଧାର୍ମିକ ନେତାମାନେ ଆତ୍ମିକତାର ବାହ୍ୟ ପ୍ରଦର୍ଶନ ଉପରେ ଧ୍ୟାନ ଦେଇଥିଲେ। ସେମାନେ ଉପାଧି, ସ୍ୱୀକୃତି ଏବଂ ସର୍ବସାଧାରଣଙ୍କ ପ୍ରଶଂସା ଖୋଜୁଥିଲେ। ଯଦିଓ ସେମାନେ ଧାର୍ମିକ ଦେଖାଯାଉଥିଲେ, ସେମାନଙ୍କ ହୃଦୟ ଗର୍ବ, ଈର୍ଷା ଏବଂ ପକ୍ଷପାତରେ ପରିପୂର୍ଣ୍ଣ ଥିଲା। ଯୀଶୁ ସେମାନଙ୍କୁ ଶୁକ୍ଳୀକୃତ ସମାଧି ବୋଲି କହିଥିଲେ (ମାଥିଉ ୨୩:୨୭) ବାହ୍ୟ ଦୃଷ୍ଟିରୁ ସୁନ୍ଦର କିନ୍ତୁ ଭିତରେ କଳୁଷିତ। ଯେତେବେଳେ ଖ୍ରୀଷ୍ଟିୟ ନେତୃତ୍ୱ ପାଇଁ ପ୍ରଭାବଶାଳୀ ପ୍ରମାଣପତ୍ର ଈଶ୍ୱରୀୟ ଚରିତ୍ର ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୁଏ, ତାହା ଦୁଃଖଦ ଅଟେ।

ଈଶ୍ୱରଙ୍କ ରାଜ୍ୟରେ ନେତୃତ୍ୱ ଯୀଶୁଙ୍କ ଉଦାହରଣ ଅନୁସରଣରେ ବଦ୍ଧମୂଳ ଅଟେ। ଜଣେ ନେତାଙ୍କ ଜୀବନ ହେଉଛି ତା'ଙ୍କ ନେତୃତ୍ୱର ପ୍ରାଥମିକ ଉପକରଣ। ସେ କେବଳ କଥା ମାଧ୍ୟମରେ ନୁହେଁ ବରଂ ଖ୍ରୀଷ୍ଟଙ୍କ ପରି ଜୀବନଯାପନ କରି ଅନ୍ୟମାନଙ୍କୁ ପ୍ରଭାବିତ କରନ୍ତି।

ଆଜି ଜଗତ ଯାହା ଆବଶ୍ୟକ କରେ ତାହା ଆଉ ଅଧିକ ବିଶାଳ ମଣ୍ଡଳୀ ଗୁଡ଼ିକ ନୁହେଁ ବରଂ ଅଧିକ ଖ୍ରୀଷ୍ଟଙ୍କ ପରି ନେତାମାନେ। ଏପରି ନେତାମାନେ ଲୋକପ୍ରିୟତା ଅପେକ୍ଷା ପବିତ୍ରତା, ସମ୍ମାନ ଅପେକ୍ଷା ନମ୍ରତା, ସ୍ୱୀକୃତି ଅପେକ୍ଷା ସେବା ଏବଂ ଆକର୍ଷଣ (କରିସ୍ମା) ଅପେକ୍ଷା ଚରିତ୍ର ଅନୁସରଣ କରନ୍ତି। ସେମାନଙ୍କର ଗଭୀରତମ ଇଚ୍ଛା ହେଉଛି ପ୍ରତିଦିନ ଯୀଶୁଙ୍କ ପରି ହେବା।

ତଥାପି ଆତ୍ମିକ ନେତାମାନେ ସେମାନଙ୍କର ନିଜସ୍ୱ ବିକାଶକୁ ଅବହେଳା କରିପାରନ୍ତି କାରଣ ଅନ୍ୟମାନେ ସେମାନଙ୍କୁ ପରିପକ୍ୱ ବୋଲି ମନେକରନ୍ତି। ଯେଉଁ ସମୟରେ ସେମାନେ ଶିକ୍ଷା, ସେବା, ପ୍ରାର୍ଥନା ଏବଂ ପରମେଶ୍ୱରଙ୍କ ବିଷୟରେ କହନ୍ତି, ସେମାନେ ସୁଦ୍ଧା ଆତ୍ମ-ପ୍ରତାରଣାରେ ପଡ଼ିପାରନ୍ତି। ସଫଳତା ପ୍ରାୟତଃ ଗୁପ୍ତ ପ୍ରଲୋଭନ ଆଣିଦିଏ। ନେତାମାନେ ସେବା ପାଇବା ପାଇଁ ସେବା କରିବା, ପ୍ରଶଂସା ପାଇବା ପାଇଁ ପ୍ରଚାର କରିବା କିମ୍ବା ଲୋକପ୍ରିୟତା ପାଇବା ପାଇଁ ସଫଳତାକୁ ଗୁରୁତ୍ୱ ଦେବାକୁ ଆରମ୍ଭ କରିପାରନ୍ତି। ସମୟ ସହିତ, ଆତ୍ମିକ ଗର୍ବ ନୀରବତା ସହକାରେ ଖ୍ରୀଷ୍ଟଙ୍କ ପ୍ରତି ଭକ୍ତିକୁ ଦୂର କରିପାରେ। ଯେଉଁମାନେ କି କଠିନ ପ୍ରଶ୍ନ ପଚାରିବେ ଏବଂ ସେମାନଙ୍କୁ ଦାୟିତ୍ୱବାନ କରିପାରିବେ। ଯୀଶୁଙ୍କ ପରି ଜୀବନଯାପନ କରୁଥିବା ନେତାମାନେ ସେମାନଙ୍କର ଆତ୍ମିକ ବୃଦ୍ଧି ପାଇଁ ଦାୟିତ୍ୱ ନିଅନ୍ତି ଏବଂ ଖୋଲା ହୃଦୟ ବିଶିଷ୍ଟ ହେବାକୁ ଇଚ୍ଛୁକ ହୋଇଥାନ୍ତି। ସେମାନଙ୍କର ଦୁର୍ବଳତାକୁ ଗ୍ରହଣ

କରି, ସେମାନେ ଖ୍ରୀଷ୍ଟଙ୍କ ଶକ୍ତି ଆବିଷ୍କାର କରନ୍ତି ଏବଂ ପରମେଶ୍ୱରଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ଶିକ୍ଷା କରନ୍ତି।

ଯୀଶୁଙ୍କ ସହିତ ଆପଣଙ୍କ ଜୀବନ ତୁଳନା କରିବା ଫଳରେ ଆପଣ କ'ଣ ଅନୁଭବ କରନ୍ତି? କାହିଁକି?

ଜଣେ ପ୍ରଭାବଶାଳୀ ଖ୍ରୀଷ୍ଟିୟ ନେତା ହେବା ଜଣେ ନେତାଙ୍କ ଜୀବନରେ କାହିଁକି ଜରୁରୀ ଅଟେ?

ଯୀଶୁଙ୍କ ଜୀବନ ଦ୍ୱାରା ଆପଣଙ୍କର ଆତ୍ମିକଜୀବନରେ ସୁଧାର ଆଣିବା ପାଇଁ ଆପଣଙ୍କୁ କ'ଣ କରିବାକୁ ପଡିବ?

- ଦୈନିକ ବାଇବଲ ପଠନ ଏବଂ ପ୍ରତିଫଳନ।
- ଆପଣ ଜୀବନଯାପନ ଶୈଳୀର ନିୟମିତ ପରୀକ୍ଷା।
- ଏକ ଦାୟିତ୍ୱବାନ ଆତ୍ମିକ ବ୍ୟକ୍ତିଙ୍କ ନିକଟରେ ସମର୍ପିତ ହେବା।
- ଯୀଶୁଙ୍କ ପ୍ରତିମୂର୍ତ୍ତି ସହିତ ଆପଣଙ୍କ ଚରିତ୍ରର ଯାଞ୍ଚ କରନ୍ତୁ।
- ଖ୍ରୀଷ୍ଟଙ୍କ ପରି ଜୀବନଯାପନ କରିବା ଏବଂ ଏଥିପାଇଁ କାର୍ଯ୍ୟ କରିବା ପାଇଁ ଆପଣଙ୍କର ବୃଦ୍ଧିସାଧନ-ଲକ୍ଷ୍ୟକୁ ସ୍ଥିର କରନ୍ତୁ।

ପ୍ରାର୍ଥନା: ହେ ମୋର ପରମେଶ୍ୱର, ମୋତେ ଯୀଶୁଙ୍କ ପରି ହେବାକୁ ଅଧିକରୁ ଅଧିକ ବ୍ୟାକୁଳ କର। ମୋତେ ତାହାଙ୍କ ଜୀବନ ଏବଂ ପ୍ରେମକୁ ମୋର ଜୀବନର ପଥ ଭାବରେ ଶିଖିବାକୁ ଦିଅ। ମୋତେ ସେହି କ୍ରଶ ପାଖକୁ ନେଇଯାଅ ଯେଉଁଠାରେ ଖ୍ରୀଷ୍ଟ; ପ୍ରତ୍ୟେକ କ୍ଷେତ୍ରରେ ତାଙ୍କ ପରି ପ୍ରେମ କରିବା ଏବଂ ବଞ୍ଚିବା ପାଇଁ ପଥ ଦେଖାଇଲେ। ହେ ପ୍ରଭୁ ଯୀଶୁ, ମୋ ଭିତରେ ବୃଦ୍ଧି ପାଅ। ମୋ ମନକୁ ତୁମେ ଯେପରି ଚିନ୍ତାକର ସେହିପରି ଚିନ୍ତା କରିବା ପାଇଁ ଗଠନ କର। ତୁମ ପ୍ରେମର ଆବେଗରେ ମୋ ହୃଦୟକୁ ଉତ୍ତେଜିତ କର। ତୁମର ସୌନ୍ଦର୍ଯ୍ୟ ଦେଖିବା ପାଇଁ ମୋ ଚକ୍ଷୁ ଉନ୍ମୁକ୍ତ କର। ପ୍ରତ୍ୟେକ ଦିନ ତୁମ ଆଜ୍ଞା ପାଳନ କରିବା ପାଇଁ ମୋତେ ଶକ୍ତି ଦିଅ। ପ୍ରଭୁ ଯୀଶୁଙ୍କ ନାମରେ, ଆମେନ୍!

ଯୀଶୁଙ୍କ ସେବା କରୁଥିବା ନେତାମାନେ (LC-3)

"ମୁଁ ଦୃଢ଼ଭାବେ କହେ, ମୋର ଲକ୍ଷ୍ୟ ହେଉଛି ତାହାଙ୍କ ଲୋକମାନଙ୍କ ହୃଦୟରେ ଯୀଶୁଙ୍କ ଶାସନ ଓ ରାଜତ୍ୱ ପ୍ରତିଷ୍ଠା କରିବା। ମୁଁ ଏହା ମଧ୍ୟ ସ୍ୱୀକାର କରେ, ପ୍ରଭୁ ଯୀଶୁଙ୍କ ସେବାରେ, ମୋ ପରିବାରର ସେବା କରିବାରେ ଏବଂ ଈଶ୍ୱରପରାୟଣତାରେ ସେମାନଙ୍କର ଯତ୍ନ ନେବା ନିମନ୍ତେ ମୁଁ ଆହୂତ ଅଟେ।"

"ମୁଁ ମଣ୍ଡଳୀ ନିକଟକୁ କିଛି ଲେଖିଲି; ମାତ୍ର ଦୀୟତ୍ରଫା ମଣ୍ଡଳୀ ମଧ୍ୟରେ ପ୍ରଧାନ ହେବାକୁ ଭଲ ପାଇ ଆମ୍ଭମାନଙ୍କୁ ଅଗ୍ରାହ୍ୟ କରେ।" (୩ ଯୋହନ ୯)

ଆମେ ଏପରି ଏକ 'ସେଲଫି' ଯୁଗରେ ବାସ କରୁଛୁ ଯେଉଁଠାରେ ଲୋକମାନେ ନିଜର ପ୍ରଚାର ବା ପ୍ରଶଂସା କରିବାକୁ (self-promotion) ପସନ୍ଦ କରନ୍ତି, ଏବଂ ଏଥିପାଇଁ ସେମାନେ ଅନ୍ୟମାନଙ୍କ ଗ୍ରହଣୀୟତା ଓ ପ୍ରଶଂସା ମଧ୍ୟ ପାଇଥାନ୍ତି। ତଥାପି, ନିଜକୁ ଉନ୍ନତ କରିବାର ଇଚ୍ଛା କିଛି ନୂଆ କଥା ନୁହେଁ। ଏହା ସେହି ପାପ ଥିଲା ଯାହା ଲୁସିଫରକୁ ଈଶ୍ୱରଙ୍କ ସ୍ଥାନ ଅଧିକାର କରିବାକୁ ପ୍ରବର୍ତ୍ତାଇଥିଲା ଏବଂ ପ୍ରଥମ ମନୁଷ୍ୟମାନଙ୍କୁ ମଧ୍ୟ ପ୍ରଲୋଭିତ କରିଥିଲା, ଯେପରି ସେମାନେ କେବଳ ଈଶ୍ୱରଙ୍କ ବିଷୟଗୁଡ଼ିକୁ ହାସଲ କରିବାକୁ ଲୋଭାସକ୍ତ ହେବେ। ଈଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା ନିଜ କାର୍ଯ୍ୟରେ ସନ୍ତୁଷ୍ଟ ନ ହୋଇ, ସେମାନେ ଈଶ୍ୱରଙ୍କ ପରି ହେବାକୁ ଚାହିଁଥିଲେ।

ସେହି ସମାନ ପ୍ରବୃତ୍ତି ଆଜି ମଧ୍ୟ ଲୋକମାନଙ୍କୁ ନିଜର ପ୍ରଚାର କରିବା ଏବଂ ନିଜର ସାମ୍ରାଜ୍ୟ ଗଢ଼ିବା ଆଡ଼କୁ ଚଳାଇ ନେଉଛି। ସେବାକାର୍ଯ୍ୟରେ, ମଣ୍ଡଳୀର ଅଭିବୃଦ୍ଧି ଏବଂ ସଂଖ୍ୟା ବୃଦ୍ଧି ହେଉଛି ମୂଲ୍ୟବାନ ଲକ୍ଷ୍ୟ; କିନ୍ତୁ ସଫଳତା ଧୀରେ ଧୀରେ ବ୍ୟକ୍ତିଗତ ସ୍ୱୀକୃତି ପାଇବାର ଲକ୍ଷ୍ୟରେ ପରିଣତ ହୋଇପାରେ। ଅହଙ୍କାର କରିବା ଏକ ନିରନ୍ତର ବିପଦ ଅଟେ। ଯଦି ଆମେ ସତର୍କ ନ ରହୁ, ତେବେ ଆମେ ଈଶ୍ୱରଙ୍କ ଗୌରବ ପରିବର୍ତ୍ତେ ନିଜର ଗୌରବ ଅନ୍ୱେଷଣ କରିପାରୁ। ଏହା 'ଦିୟତ୍ରଫାର ଲକ୍ଷଣ' (Diotrephes syndrome)—ଯେତେବେଳେ ଜଣେ ନେତା "ସର୍ବଦା ପ୍ରଧାନ ହେବାକୁ ଭଲ ପାଆନ୍ତି।"

ସେବାକାର୍ଯ୍ୟରେ ମୂଖ୍ୟ ସମସ୍ୟା କଠିନ ପରିଶ୍ରମ ନୁହେଁ, ବରଂ ଆମ ହୃଦୟର ଅବସ୍ଥା। ଯେଉଁସମୟରେ, ଆମେ ପ୍ରଶଂସା ଓ ସ୍ୱୀକୃତି ପାଇବାକୁ ଲାଳାୟିତ ହେଉ, ସେତେବେଳେ ଆମର ଧ୍ୟାନ ଖ୍ରୀଷ୍ଟଙ୍କ ଠାରୁ ଦୂରହୋଇ ନିଜ ଆଡ଼କୁ ଚାଲିଆସେ। ଅନ୍ୟମାନଙ୍କ ସେବା କରିବା ପରିବର୍ତ୍ତେ, ଆମେ ପଦବୀ ଓ ପ୍ରଭାବ ଖୋଜିବା ଆରମ୍ଭ କରିପାରୁ। ଯୀଶୁଙ୍କ ପଥ ଉପରକୁ ଉଠିବାର ଅଭିଳାଷ ନୁହେଁ, ବରଂ ତଳକୁ ଯାଇ ସେବା କରିବା ଅଟେ—ଅର୍ଥାତ୍ ସବୁଠାରୁ ନିମ୍ନ ସ୍ଥାନ ଗ୍ରହଣ କରିବାକୁ ଇଚ୍ଛା କରିବା।

ଆମର ପ୍ରାଥମିକ ଆହ୍ୱାନ ହେଉଛି ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ପ୍ରଭୁତ୍ୱ ନିକଟରେ ସମର୍ପିତ ହେବାକୁ ଚାଳିତ କରି ଈଶ୍ୱରଙ୍କ ରାଜ୍ୟ ଗଠନ କରିବା। ଏଥିପାଇଁ ନିଜ ଇଚ୍ଛା ଅନୁସାରେ ଚାଲିବାକୁ ତ୍ୟାଗ କରିବାକୁ ପଡ଼ିବ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ତାଙ୍କ ନିକଟରେ ସମର୍ପଣ କରିବାକୁ ହେବ।

ପାଉଲ କରିନ୍ଥରେ ଏହି ବିଷୟ ଉପରେ ଆଲୋକପାତ କରିଥିଲେ, ଯେଉଁଠାରେ ବିଶ୍ୱାସୀମାନେ ପ୍ରମୁଖ ନେତାମାନଙ୍କୁ ପ୍ରଶଂସା କରୁଥିଲେ ଏବଂ ସେମାନଙ୍କ ବିଷୟରେ ଗର୍ବ କରୁଥିଲେ (୧ କରିନ୍ଥୀୟ ୩:୨୧)। ସେ ଏଭଳି ମନୋଭାବକୁ ଆତ୍ମିକ ଅପରିପକ୍ୱତା

ବୋଲି କହିଥିଲେ। ଖ୍ରୀଷ୍ଟିୟାନ ନେତାମାନେ, ସେମାନଙ୍କର ପ୍ରଭାବ ଯାହା ବି ହେଉନା କାହିଁକି, କେବଳ ସେବକ ଅଟନ୍ତି, ଯେଉଁମାନଙ୍କ ମାଧ୍ୟମରେ ଈଶ୍ୱର କାର୍ଯ୍ୟ କରନ୍ତି। ଶେଷରେ, କେବଳ ଈଶ୍ୱର ହିଁ ନିଜ ରାଜ୍ୟର ଅଭିବୃଦ୍ଧି ଘଟାନ୍ତି (୧ କରିନ୍ଥୀୟ ୩:୬–୭) ।

ଈଶ୍ୱରଙ୍କ ରାଜ୍ୟର, ନାୟକମାନେ ପ୍ରାୟତଃ ସାଧାରଣ ଲୋକ ହୋଇଥାନ୍ତି (୧ କରିନ୍ଥୀୟ ୧:୨୬–୨୮)। ଈଶ୍ୱର ଦୁର୍ବଳ ଓ ନମ୍ର ଲୋକମାନଙ୍କୁ ବ୍ୟବହାର କରିବାକୁ ଆନନ୍ଦିତ ହୁଅନ୍ତି, ଯାହାଫଳରେ ସମସ୍ତ ମହିମା କେବଳ ତାଙ୍କର ହୁଏ। ଯଦି ଆମେ ଯୀଶୁଙ୍କ ଉଦାହରଣ ଅନୁସରଣ ନ କରୁ ଅର୍ଥାତ୍ ନିଜର ସୁବିଧା-ସୁଯୋଗକୁ ତ୍ୟାଗ କରି ସେବକ-ନେତୃତ୍ୱକୁ (servant leadership)

ଗ୍ରହଣ ନ କରୁ ତେବେ ଆମେ ପ୍ରକୃତରେ ଯୀଶୁଙ୍କ ସେବା କରିପାରିବା ନାହିଁ (ଫିଲିପ୍ପୀୟ ୨:୫–୮)। ନମ୍ରତାର ପଥ ବ୍ୟତୀତ ଯୀଶୁଙ୍କ ସେବା କରିବାର ଅନ୍ୟ କୌଣସି ଉପାୟ ନାହିଁ।

ଆଜିର "ନିଜକୁ ପ୍ରଦର୍ଶିତ କରିବାର" (selfie) ମାନସିକତାକୁ ପ୍ରତିରୋଧ କରିବା ପାଇଁ, ଏପରିକି ଗୁପ୍ତସ୍ଥାନ ମାନଙ୍କରେ ମଧ୍ୟ ଆମକୁ ବିଶ୍ୱସ୍ତ ସହ ସେବା କରିବା ପାଇଁ ଶିଖିବାକୁ ହେବ। ଆମେ ମନୁଷ୍ୟର ସ୍ୱୀକୃତି ଖୋଜିବା ପରିବର୍ତ୍ତେ ଈଶ୍ୱରଙ୍କ ଅନୁମୋଦନ ଖୋଜିବା ଉଚିତ୍ ଏବଂ ନିରନ୍ତର ଭାବେ ଆପଣାର କାର୍ଯ୍ୟଗୁଡ଼ିକୁ ପରୀକ୍ଷା କରିବା ଉଚିତ୍। ଯେତେବେଳେ ଆମେ କେବଳ ଯୀଶୁଙ୍କ ସେବା କରୁ, ସେତେବେଳେ ଆମେ ଈର୍ଷା ଓ ପ୍ରତିଯୋଗିତାରୁ ମୁକ୍ତ ହୋଇଥାଉ। ଏହାର ପ୍ରତିବଦଳରେ, ଆମେ ଅନ୍ୟମାନଙ୍କ ସଫଳତାରେ ଆନନ୍ଦିତ ହେଉ ଏବଂ ବାହ୍ୟ ରୂପ କିମ୍ବା ପ୍ରଶଂସା ପଛରେ ଯିବା ପରିବର୍ତ୍ତେ, ଖ୍ରୀଷ୍ଟଙ୍କ ପରି ଚରିତ୍ର ଓ ସଚ୍ଚୋଟତା ହାସଲ କରିବାକୁ ଚେଷ୍ଟା କରୁ।

ସେବାକାର୍ଯ୍ୟ କରିବା ପଛରେ ଥିବା ଆପଣଙ୍କ ଉଦ୍ଦେଶ୍ୟ ବିଷୟରେ ଆପଣ କ'ଣ ଅନୁଭବ କରୁଛନ୍ତି?

ସଫଳ ହେବା କିପରି ଆପଣଙ୍କୁ କେବଳ ଯୀଶୁଙ୍କ ସେବା କରିବା ବିଷୟରୁ ଭୁଲାଇ ଦେଇପାରେ?

କେବଳ ଯୀଶୁଙ୍କ ସେବା କରିବା ପାଇଁ ଆପଣଙ୍କୁ କେଉଁ ଆତ୍ମିକ ଅନୁଶାସନଗୁଡ଼ିକ ଆବଶ୍ୟକ?

- ରାତ୍ରିରେ ଶୋଇବା ପୂର୍ବରୁ ଆତ୍ମ-ସମୀକ୍ଷା କରିବା।
- ମୋର ଜୀବନ ଏବଂ ନେତୃତ୍ୱ ଶୈଳୀ ଉପରେ ନିୟମିତ ଚିନ୍ତନ କରିବା।
- ଜଣେ ନେତା ଭାବରେ ମୋର ଆଚରଣ ବିଷୟରେ ମତାମତ (feedback) ଲୋଡ଼ିବା।
- ନିଜର ସ୍ୱାର୍ଥପର ଅଭିଳାଷକୁ ଦମନ କରିବା ପାଇଁ ନିୟମିତ ଉପବାସ କରିବା।
- ପବିତ୍ରତା ପ୍ରତି ମୋର ଆଗ୍ରହ ବଢ଼ାଇବା ପାଇଁ ପୁସ୍ତକ ଗୁଡ଼ିକ ପଢ଼ିବା।

ପ୍ରାର୍ଥନା: ହେ ପ୍ରଭୁ ଯୀଶୁ, କେବଳ ଆପଣ ହିଁ ମୋର ଅଭିଳାଷ ଅଟନ୍ତି। କେବଳ ଆପଣଙ୍କ ମହିମା ପାଇଁ ବଞ୍ଚିବାକୁ ଏବଂ ସେବା କରିବାକୁ ମୋତେ ସାହାଯ୍ୟ କରନ୍ତୁ। ମୋର ସ୍ୱାର୍ଥପର ଆକାଂକ୍ଷାଗୁଡ଼ିକୁ କ୍ରୁଶରେ ହତ କରନ୍ତୁ ଏବଂ ମୋତେ ଆପଣଙ୍କ ଆତ୍ମାରେ ପୂର୍ଣ୍ଣ କରନ୍ତୁ, ଯେପରି ଅନ୍ୟମାନେ ମୋ ଭିତରେ ଖ୍ରୀଷ୍ଟଙ୍କୁ ଦେଖିପାରିବେ। ମୋତେ କ୍ରୁଶର ପଥ ଶିଖାନ୍ତୁ, ଯେପରି ମୁଁ ନମ୍ରତାର ସହ ଚାଲିପାରିବି, ଗୋପନୀୟତାରେ ସେବା କରିପାରିବି ଏବଂ ପ୍ରତିଦିନ ଆପଣଙ୍କ ଆଦର୍ଶକୁ ଅନୁସରଣ କରିପାରିବି। ଯୀଶୁଙ୍କ ନାମରେ, ଆମେନ

ଯୀଶୁଙ୍କ ପରି ନେତୃତ୍ୱ ନେଉଥିବା ନେତାମାନେ (LC-4)

"ମୁଁ ଯୀଶୁଙ୍କ ପରି ନେତୃତ୍ୱ ନେବାକୁ ବିନମ୍ରତାର ଏକ ହୃଦୟ ନିମନ୍ତେ ପ୍ରାର୍ଥନା କରୁଛି।"

ଯୀଶୁ ସେମାନଙ୍କୁ କହିଲେ, "ବିଜାତି ମାନଙ୍କ ରାଜାମାନେ ସେମାନଙ୍କ ଉପରେ ପ୍ରଭୁତ୍ୱ କରନ୍ତି; ଆଉ ଯେଉଁମାନେ ସେମାନଙ୍କ ଉପରେ କର୍ତ୍ତୃତ୍ୱ କରନ୍ତି, ସେମାନେ ଦେଶବନ୍ଧୁ ବୋଲି ଖ୍ୟାତ ହୁଅନ୍ତି। କିନ୍ତୁ ତୁମ୍ଭମାନେ ସେପ୍ରକାର ହୁଅ ନାହିଁ। ମାତ୍ର ତୁମ୍ଭମାନଙ୍କ ମଧ୍ୟରେ ଯେ ଜ୍ୟେଷ୍ଠ, ସେ କନିଷ୍ଠ ପରି ହେଉ, ପୁଣି ଯେ ନେତା, ସେ ସେବକ ପରି ହେଉ। କାରଣ କିଏ ଶ୍ରେଷ୍ଠ? ଯେ ଭୋଜନୋପବିଷ୍ଟ, ନା ଯେ ସେବକ? ଯେ ଭୋଜନୋପବିଷ୍ଟ, ସେ କି ଶ୍ରେଷ୍ଠ ନୁହନ୍ତି? କିନ୍ତୁ ମୁଁ ତୁମ୍ଭମାନଙ୍କ ମଧ୍ୟରେ ଜଣେ ସେବକ ପରି ଅଛି। (ଲୂକ 22:25-27)

ଏହା ବ୍ୟାପକ ଭାବେ ମାନ୍ୟ ଅଟେ, ଅନେକ ଖ୍ରୀଷ୍ଟିୟ ନେତା ସଂସାରର ନେତୃତ୍ୱ ଶୈଳୀକୁ ଆପଣେଇଛନ୍ତି। ପ୍ରତିଯୋଗିତା, ରାଜନୀତି ଏବଂ ପଦମର୍ଯ୍ୟାଦାର ସୋପାନ (hierarchical structures) ଏଠାରେ ଅତି ପରିଚିତ ଅଟେ; ଏପରିକି ବିଭିନ୍ନ ଉପାଧି ମଧ ଏହି ବ୍ୟବସ୍ଥାକୁ ଆହୁରି ଦୃଢ଼ କରେ। ଯଦିଓ ପଦବୀଗୁଡ଼ିକ ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିପାରେ, ତଥାପି ଏଗୁଡ଼ିକ ନେତାମାନଙ୍କ ମନରେ ନିଜକୁ ଅନ୍ୟମାନଙ୍କ ଠାରୁ ଉଚ୍ଚ ବୋଲି ଭାବିବାର ପ୍ରଲୋଭନ ସୃଷ୍ଟି କରିପାରେ।

ଯୀଶୁ ସେହି ନେତାମାନଙ୍କ ବିଷୟରେ ଚେତାବନୀ ଦେଇଥିଲେ, ଯେଉଁମାନେ ନିଜ ଅଧୀନସ୍ଥ ଲୋକଙ୍କ ଉପରେ "କର୍ତ୍ତୃତ୍ୱ" କରନ୍ତି। ଏହାର ବିପରୀତରେ, ସେ ନେତୃତ୍ୱର ପାରମ୍ପରିକ ଢାଞ୍ଚାକୁ (ଯାହାକୁ ପିରାମିଡ୍ ସହ ତୁଳନା କରାଯାଇପାରେ) ଓଲଟାଇ ଦେଇଥିଲେ। ତାଙ୍କ ଆଦର୍ଶ ଅନୁଯାୟୀ, ସବୁଠାରୁ ମହାନ ନେତା କୌଣସି ମୁଖ୍ୟ କାର୍ଯ୍ୟନିର୍ବାହୀ (CEO) ନୁହନ୍ତି, ବରଂ ଜଣେ ସେବକ ଅଟନ୍ତି। ଅଧିକାର କେବଳ ଲୋକଙ୍କ ସେବା କରିବା ପାଇଁ ଦିଆଯାଇଥାଏ, ସେମାନଙ୍କ ଠାରୁ ସେବା ପାଇବା ପାଇଁ ନୁହେଁ। ଯୀଶୁଙ୍କ ପରି ନେତୃତ୍ୱର ଅର୍ଥ ହେଉଛି ସମସ୍ତଙ୍କର ସେବକ ହେବା।

ସେବକମାନେ ପରିଚୟ ଖୋଜନ୍ତି ନାହିଁ। ସେମାନେ ନମ୍ରତା ଓ ଆଜ୍ଞାବହତା ସହ ବିଶ୍ୱସ୍ତତାରେ ସେବା କରନ୍ତି, କେବଳ ନିଜ ପ୍ରଭୁଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କରନ୍ତି। ସେମାନଙ୍କର ମହାନତା ପଦରେ ନୁହେଁ, ବରଂ ବିଶ୍ୱସ୍ତ ସେବାରେ ନିହିତ ଥାଏ।

ସଂସାରିକ ନେତୃତ୍ୱ ମହାନତାକୁ କ୍ଷମତା, ପଦମର୍ଯ୍ୟାଦା ଏବଂ ପ୍ରଭାବ ଦ୍ୱାରା ନିରୂପଣ କରେ, ଯାହା ପ୍ରାୟତଃ ତୁଳନା ଓ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିଥାଏ। ଏପରିକି ଶିଷ୍ୟମାନେ ମଧ କିଏ ସବୁଠାରୁ ମହାନ, ସେ ବିଷୟରେ ତର୍କ କରିଥିଲେ। ଯୀଶୁ ସେମାନଙ୍କୁ ସଂଶୋଧନ କରି କହିଲେ ଯେ, ସବୁଠାରୁ ନିଚ ସ୍ଥାନ ହିଁ ପ୍ରକୃତ ମହାନତାର ସ୍ଥାନ ଅଟେ। ଯିଏ ଅନ୍ୟମାନଙ୍କ ଦ୍ୱାରା ସେବା ପାଏ, ସେ ମହାନ ନୁହେଁ; ବରଂ ଯିଏ ସେବା କରେ। ଯୀଶୁ ଯେପରି କହିଥିଲେ, "ମୁଁ ତୁମ୍ଭମାନଙ୍କ ମଧ୍ୟରେ ଜଣେ ସେବକ ପରି ଅଛି।" ପ୍ରକୃତ ମହାନତା ପଦମର୍ଯ୍ୟାଦାରେ ନୁହେଁ, ବରଂ ଖ୍ରୀଷ୍ଟଙ୍କଠାରେ ଥାଏ।

ନେତୃତ୍ୱର ମୂଳତତ୍ତ୍ୱ ହେଉଛି ସେବାଭାବ ବିଶିଷ୍ଟ ହୃଦୟ; ଏଥିପାଇଁ କୌଣସି ପଦବୀ କିମ୍ବା ସ୍ଥାନର ଆବଶ୍ୟକତା ନାହିଁ। ଯୀଶୁ, ଯିଏ କି ରାଜାମାନଙ୍କର ରାଜା ଏବଂ ପ୍ରଭୁମାନଙ୍କର ପ୍ରଭୁ ଅଟନ୍ତି, ନମ୍ରତାର ସହ ସେବା କରିବାକୁ ଆସିଲେ। ତାଙ୍କର ପରିଚୟରେ ନିଶ୍ଚିତ ହୋଇ, ସେ କ୍ଷମତାକୁ ଧରି ରଖିଲେ ନାହିଁ; ବରଂ କୃଶୀୟ ମୃତ୍ୟୁ ପର୍ଯ୍ୟନ୍ତ ପରମେଶ୍ୱରଙ୍କ ଆଜ୍ଞାବହ ହେଲେ।

ଯେବେ ଆମେ 'ସେବକ ନେତୃତ୍ୱ' (servant leadership)କୁ ଆପଣାଉ, ସେତେବେଳେ ପଦବୀ ଅପେକ୍ଷା ଲୋକମାନେ ଗୁରୁତ୍ୱପୂର୍ଣ୍ଣ, ମର୍ଯ୍ୟାଦା ଅପେକ୍ଷା ସେବା ଗୁରୁତ୍ୱପୂର୍ଣ୍ଣ, ଏବଂ ଦେଖାଣିଆପଣ ଅପେକ୍ଷା ସରଳତା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଯଦି ଖ୍ରୀଷ୍ଟ ସମ୍ମାନିତ ହୁଅନ୍ତି, ତେବେ ଅନ୍ୟମାନେ ଉନ୍ନତି ପାଇଲେ ମଧ୍ୟ ଆମେ ସନ୍ତୁଷ୍ଟ ରହୁ। ଆମେ ଗୋପନ ସ୍ଥାନରେ ମଧ୍ୟ ବିଶ୍ୱସ୍ତ ରହୁ, କଷ୍ଟ ସହ୍ୟ କରୁ ଏବଂ ନିଜ ଆହ୍ୱାନର ଏକ ଅଂଶଭାବେ ତ୍ୟାଗକୁ ଗ୍ରହଣ କରୁ। ଏହିପରି ଭାବରେ, ନେତୃତ୍ୱ ଏକ

'ସାମୂହିକ ସେବା' ରେ ପରିଣତ ହୁଏ; ଅର୍ଥାତ୍ ଅନ୍ୟମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ପରିବର୍ତ୍ତେ, ସେମାନଙ୍କୁ ଭଲ ପାଇବା ଏବଂ ସେବା କରିବା ହିଁ ନେତୃତ୍ୱ ପାଲଟିଯାଏ। ଏଭଳି ନେତୃତ୍ୱ ଏକ ନମ୍ର ଏବଂ ସମ୍ପର୍କ-ଆଧାରିତ ସମ୍ପ୍ରଦାୟ ଗଠନ କରେ, ଯେଉଁଠାରେ ନେତାମାନେ ପରସ୍ପରର ସେବା କରିବା ପାଇଁ ଯଥେଷ୍ଟ ସୁରକ୍ଷିତ ହୋଇଥାଆନ୍ତି।

ଯୀଶୁଙ୍କ ପରି ନେତୃତ୍ୱ ନେବା ପାଇଁ କିଛି ନୂତନ ମୂଲ୍ୟବୋଧର ଆବଶ୍ୟକତା ରହିଛି। ଆପଣ ନିଜ ନେତୃତ୍ୱରେ କେଉଁ ମୂଲ୍ୟବୋଧକୁ ଅନ୍ତର୍ଭୁକ୍ତ କରିବା ଉଚିତ୍?

• କାର୍ଯ୍ୟକ୍ରମ ଅପେକ୍ଷା ଲୋକମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ।

• ଉତ୍ତମ ଫଳାଫଳ ପାଇଁ ସମ୍ପର୍କ ହେଉଛି ମୂଳଦୁଆ।

• ବ୍ୟକ୍ତିଗତ ଦକ୍ଷତା ପୂର୍ବରୁ ଚରିତ୍ରର ସଚ୍ଚୋଟତା ପ୍ରଥମେ ।

• ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଥିବାରୁ ସମସ୍ତ ମନୁଷ୍ୟଙ୍କ ପ୍ରତି ସମ୍ମାନଭାବ ରଖିବା।

• ମର୍ଯ୍ୟାଦା (status) ଖୋଜିବା ଅପେକ୍ଷା ଜୀବନର ପ୍ରକୃତ ସାର୍ଥକତା ଖୋଜିବା ଅଧିକ ଅର୍ଥପୂର୍ଣ୍ଣ।

• ସେବା ପାଇବା ଅପେକ୍ଷା ସେବା କରିବା ଅଧିକ ମହାନ।

ପ୍ରାର୍ଥନା: ହେ ମହିମାମୟ ରାଜା, ଅନନ୍ତକାଳ ନିମନ୍ତେ ପ୍ରଶଂସାର ଯୋଗ୍ୟ। ଆପଣ ସେବା ଏବଂ ପରିତ୍ରାଣ ଦେବା ପାଇଁ ସବୁଠାରୁ ନିମ୍ନ ସ୍ଥାନକୁ ଆସିଲେ। ମୋତେ ସେବା ଦ୍ୱାରା ନେତୃତ୍ୱ ନେବାକୁ ଏବଂ ବଳିଦାନପୂର୍ବକ ପ୍ରେମ (sacrificial love) ସହ ବଞ୍ଚିବାକୁ ଶିଖାନ୍ତୁ। ଦୟାର ସହ ଦେଖିବାକୁ ମୋର ଆଖି, ଅନ୍ୟର କ୍ରନ୍ଦନ ଶୁଣିବାକୁ ମୋର କାନ, ଏବଂ ଯତ୍ନସହ ସେବା କରିବାକୁ ମୋର ହାତକୁ ଧୌତକରନ୍ତୁ। ତୁମେ ଯେଉଁ ସ୍ଥାନକୁ କଢାଇନେଉଛ ସେଠାରେ ତୁମର ଅନୁସରଣ କରିବା ସମୟରେ, ମୋର ସମସ୍ତ ସତ୍ତା, ତୁମର ପ୍ରେମରେ ଲୁପ୍ତ ହୋଇଯାଉ। ଆମେନ୍।

ନେତାଗଣ ଯେଉଁମାନେ ଅନ୍ୟ ନେତାମାନଙ୍କୁ ବିକଶିତ କରିବେ (LC-5)

"ମୁଁ ଉଦ୍ଦେଶ୍ୟମୂଳକ ଭାବେ ବିଶ୍ୱାସୀମାନଙ୍କୁ ସଜ୍ଜିତ କରିବାକୁ ଏବଂ ଯୁବାନେତାମାନଙ୍କ ହୃଦୟ ଓ ଜୀବନକୁ ସୁଦୃଢ଼ କରିବାକୁ, ଅନୁଗ୍ରହ ଓ ଅନ୍ତର୍ଦୃଷ୍ଟି ନିମନ୍ତେ ପ୍ରାର୍ଥନା କରୁଛି।"

'ତୁମ୍ଭର ଯୌବନାବସ୍ଥା ସକାଶେ କେହି ତୁମ୍ଭକୁ ତୁଚ୍ଛ ନ କରୁ, କିନ୍ତୁ ବାକ୍ୟରେ, ଆଚରଣରେ, ପ୍ରେମରେ, ବିଶ୍ୱାସରେ ଓ ପବିତ୍ରତାରେ ବିଶ୍ୱାସୀମାନଙ୍କର ଆଦର୍ଶ ସ୍ୱରୂପ ହୁଅ। ମୁଁ ନ ଯିବା ପର୍ଯ୍ୟନ୍ତ ଶାସ୍ତ୍ରପାଠ, ଉପଦେଶ ଓ ଶିକ୍ଷାଦାନରେ ମନୋଯୋଗ କର। ଭାବବାଣୀ ଓ ପ୍ରାଚୀନମାନଙ୍କର ହସ୍ତାର୍ପଣ ଦ୍ୱାରା ତୁମ୍ଭକୁ ଯେଉଁ ଅନୁଗ୍ରହ ଦାନ ଦତ୍ତ ହୋଇଅଛି, ତାହା ଅବହେଳା ନ କର। ତୁମ୍ଭର ଉନ୍ନତି ଯେପରି ସମସ୍ତଙ୍କ ନିକଟରେ ପ୍ରକାଶିତ ହୁଏ, ଏଥିନିମନ୍ତେ ଏହି ସମସ୍ତ ବିଷୟରେ ମନୋଯୋଗୀ ହୁଅ, ସେହି ସବୁରେ ପ୍ରବୃତ୍ତ ଥାଅ। ଆପଣା ବିଷୟରେ ଓ ଆପଣା ଶିକ୍ଷା ବିଷୟରେ ସତର୍କ ହୁଅ, ଏହି ସମସ୍ତ ବିଷୟରେ ଲାଗି ରୁହ...."(୧ ତୀମଥି 4:12-16ଖ)।

ଯୀଶୁଙ୍କ ପରି ଜୀବନଯାପନ କରିବା ଏବଂ ନେତୃତ୍ୱ ନେବାକୁ ଯୁବ ନେତାମାନଙ୍କୁ ପ୍ରସ୍ତୁତ କରିବା ଏକ ବଡ଼ ଆହ୍ୱାନ ଅଟେ। ଆଜିର ଯୁବା ଉଚ୍ଚଶିକ୍ଷିତ ଏବଂ ସଚେତନ, ତଥାପି ବୁଦ୍ଧି ବା ଚରିତ୍ରରେ ସମ୍ପୂର୍ଣ୍ଣ ଗଠିତ ନୁହଁନ୍ତି। ଜ୍ଞାନ ପ୍ରଚୁର ଅଛି, କିନ୍ତୁ ଆତ୍ମିକ ଗଠନର ଅଭାବ ଅଛି। ଅନେକେ ଦକ୍ଷତାବାନ ଅଛନ୍ତି, ବିଶେଷକରି ପ୍ରଯୁକ୍ତିବିଦ୍ୟାରେ, କିନ୍ତୁ ସେମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଗଢ଼ାଯାଇଥିବା ନୈତିକ ଗଭୀରତାର ଅଭାବ ଅଛି। ବଡ଼ ବଡ଼ ସମ୍ମିଳନୀ କିମ୍ବା ସ୍ୱଳ୍ପ-ସମୟ ସେମିନାର ମାଧ୍ୟମରେ ଈଶ୍ୱରପରାୟଣ ନେତାମାନଙ୍କୁ ବହୁ ସଂଖ୍ୟାରେ ତୁରନ୍ତ ପ୍ରସ୍ତୁତ କରିହେବ ନାହିଁ। ଏହା ବଦଳରେ, ଆମକୁ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ସେମାନଙ୍କ ସହ ଜୀବନଯାପନ କରି ପରାମର୍ଶ (mentoring) ଦ୍ୱାରା ବିନଯୋଗ କରିବା ଉଚିତ୍।

ଯୀଶୁଙ୍କର କିଛି ଲୋକଙ୍କୁ ଆହ୍ୱାନ କରିବା ଏବଂ ନିଜେ ସେମାନଙ୍କ ସହ ବଞ୍ଚିବା ଓ ଆପଣାର ଉଦାହରଣ ଦ୍ୱାରା ସେମାନଙ୍କୁ ଗଢ଼ି ତୋଳିବାର ପଦ୍ଧତି, ନେତା ଗଠନ କରିବା ପାଇଁ ଆଜି ମଧ୍ୟ ସବୁଠାରୁ ପ୍ରଭାବଶାଳୀ ଉପାୟ ଅଟେ। ଆଜିର ଅନେକ ଯୁବ ନେତା ଆତ୍ମିକ ଗୁରୁ ବା ମାର୍ଗଦର୍ଶକଙ୍କୁ ଖୋଜୁଛନ୍ତି। ୱିଲିୟମ୍ ଡେରେସିୱିଜ୍ (William Deresiewicz) ତାଙ୍କ ପୁସ୍ତକ 'ଏକ୍ସଲେଣ୍ଟ ସିପ୍' (Excellent Sheep) ରେ ଏହି ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଛାତ୍ରଛାତ୍ରୀମାନେ ଏପରି ଏକ ଭାବନାତ୍ମକ ଏବଂ ଗଠନକାରୀ ମାର୍ଗଦର୍ଶନ ଚାହାଁନ୍ତି, ଯାହା ପିତାମାତାଙ୍କ ନିକଟରୁ ମିଳୁଥିବା ସହାୟତା ଠାରୁ ମଧ୍ୟ ଅଧିକ ବ୍ୟାପକ ହୋଇଥାଏ। ସେ ଲେଖିଛନ୍ତି ଯେ, ଜଣେ ଶିକ୍ଷକଙ୍କ ଭୂମିକା ହେଉଛି ଛାତ୍ରଛାତ୍ରୀଙ୍କ ଭିତରେ ଲୁକ୍କାୟିତ ଥିବା ସମ୍ଭାବନାକୁ ବାହାରକୁ ଆଣିବା।

ଅନେକ ନେତାଙ୍କ ପାଖରେ ଅନ୍ୟମାନଙ୍କୁ ମାର୍ଗଦର୍ଶନ ଦେବା ପାଇଁ ସମୟ ନଥାଏ, କାରଣ ଏଥିରୁ କୌଣସି ପ୍ରତ୍ୟକ୍ଷ ସ୍ୱୀକୃତି କିମ୍ବା ଖ୍ୟାତି ମିଳେ ନାହିଁ। ବହୁତ ଲୋକଙ୍କ ସାମ୍ନାରେ ଭାଷଣ ଦେବା କିମ୍ବା କଥା କହିବା ଅଧିକ ଲାଭଦାୟକ ମନେହୁଏ, କିନ୍ତୁ ସେହି ମୁହୂର୍ତ୍ତ ବିତିଗଲା ପରେ ଏହାର କୌଣସି ସ୍ଥାୟୀ ପ୍ରଭାବ ରହେ ନାହିଁ। ଅନ୍ୟ ପକ୍ଷରେ, ଯୀଶୁ କିଛି ନିର୍ଦ୍ଦିଷ୍ଟ ଶିଷ୍ୟଙ୍କ ଉପରେ

ଗଭୀର ନିବେଶ କରିଥିଲେ, ଯେଉଁମାନେ ତାଙ୍କ ସହିତ ଘନିଷ୍ଠ ଭାବେ ରହୁଥିଲେ। ଯଦିଓ ଭିଡ଼ କ୍ରମଶଃ ଚାଲିଗଲା, ତଥାପି ସେହି କିଛି ଶିଷ୍ୟ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧୀୟ ଦୃଷ୍ଟିକୋଣ ଏବଂ ମୂଲ୍ୟବୋଧ ମାଧ୍ୟମରେ ସମଗ୍ର ବିଶ୍ୱକୁ ପରିବର୍ତ୍ତନ କରିଦେଲେ।

ମାର୍ଗଦର୍ଶନ (Mentoring) ନେତାମାନଙ୍କ ଚରିତ୍ରର ସଚ୍ଚୋଟତା ଗଠନ କରିବାରେ ଧ୍ୟାନ ଦିଏ। ସେମାନେ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଗଠିତ, ଆଦର୍ଶ ଦ୍ୱାରା ପରିଚାଳିତ, ଏବଂ ଉତ୍ତମ ରୂପେ ଶେଷ କରିବାକୁ ଅନୁସରଣ କରନ୍ତି। ପାଉଲ ସୁଦୂରରୁ ତିମଥିଙ୍କୁ ପତ୍ର ଲେଖିବା ଦ୍ୱାରା ବଳ ଦେଇ ଏହି ବିଷୟରେ ଏକ ଆଦର୍ଶ ଦେଇଥିଲେ। ସେହିପରି, ଆମମାନଙ୍କର ସ୍ଥାୟୀ ଐତିହ୍ୟ (legacy) କିଛି ବିଶ୍ୱସ୍ତ ନେତାମାନଙ୍କୁ ପରାମର୍ଶ ଦେବାରେ ମିଳିଥାଏ।

ଯଦି ଆମେ ଯୀଶୁଙ୍କ ପରି ନେତୃତ୍ୱ ଚାହୁଁ, ତେବେ ପରାମର୍ଶ ଦେବା (mentoring) ଏକ ପ୍ରାଥମିକତା ହେବା ଉଚିତ। ଯୁବ ନେତାମାନେ ଆତ୍ମିକ ମାର୍ଗଦର୍ଶକମାନଙ୍କୁ ଖୋଜୁଛନ୍ତି ଯେଉଁମାନେ ସେମାନଙ୍କ କଥା ଶୁଣିବେ, ଉତ୍ସାହ ଦେବେ ଏବଂ ଉଦ୍ଦେଶ୍ୟ ଏବଂ ଆଶା ସହ ସେମାନଙ୍କ ସଙ୍ଗରେ ଚାଲିବେ। ଏଥିପାଇଁ ସମୟ, ଉଦ୍ଦେଶ୍ୟ ଏବଂ ପୃଷ୍ଠଭୂମି ଅପେକ୍ଷା ସମ୍ପର୍କ ପ୍ରତି ନିଶ୍ଚୟତା ଆବଶ୍ୟକ। ଆମର ସର୍ବୋତ୍ତମ ଆହ୍ୱାନ ହେଉଛି କିଛି ଲୋକଙ୍କ ଜୀବନରେ ଏକ ନେତୃତ୍ୱମୟ ଜୀବନର ଐତିହ୍ୟ ଛାଡିବା ଯେଉଁମାନେ ଗଠିତ ହେବାକୁ ଇଚ୍ଛୁକ ଅଟନ୍ତି।

ଯୁବ ନେତାମାନଙ୍କୁ ପରାମର୍ଶ ଦେବାର ଚ୍ୟାଲେଞ୍ଜ ବିଷୟରେ ଆପଣଙ୍କ ହୃଦୟରେ କେଉଁ ବିଷୟ ପ୍ରତିଧ୍ୱନିତ ହୁଏ?

ଏକ ସୁଦୃଢ଼ ମଣ୍ଡଳୀକୁ ବଜାୟ ରଖିବା ପାଇଁ ଯୁବ ନେତାମାନଙ୍କୁ ପରାମର୍ଶ (ମେଣ୍ଟରିଂ) ଦେବା କାହିଁକି ଗୁରୁତ୍ୱପୂର୍ଣ୍ଣ ଅଟେ?

ଅନେକ ନେତା ସ୍ୱୀକାର କରନ୍ତି ଯେ, ସେମାନେ ଅନ୍ୟମାନଙ୍କୁ ମାର୍ଗଦର୍ଶନ ଦିଅନ୍ତି ନାହିଁ କାରଣ ସେମାନଙ୍କୁ କେବେ କେହି ମାର୍ଗଦର୍ଶନ ଦେଇ ନାହାଁନ୍ତି। ଏକ ମାର୍ଗଦର୍ଶନ-ଯୁକ୍ତ ଜୀବନଯାପନ କରିବା ଶିଖିବା ପାଇଁ ଆପଣ ନିମ୍ନଲିଖିତ ଅଭ୍ୟାସଗୁଡ଼ିକ ମଧ୍ୟରୁ କେଉଁଟିକୁ ଗ୍ରହଣ କରିବେ, ତାହା ବାଛନ୍ତୁ:

• ବାଇବେଲରେ ଉଲ୍ଲେଖ ଥିବା ମାର୍ଗଦର୍ଶନ କରିଥିବା ନେତା ସମ୍ପର୍କ ଉପରେ ଅଧ୍ୟୟନ କରନ୍ତୁ। ଉଦାହରଣ ସ୍ୱରୂପ: ମୋଶା ଓ ଯିହୋଶୂୟ, ପାଉଲ ଓ ତୀମଥି।

• ଜଣେ ଈଶ୍ୱରଭୟକାରୀ ନେତାଙ୍କ ଜୀବନୀ ପାଠ କରନ୍ତୁ। ମାର୍ଗଦର୍ଶନ କିପରି ତାଙ୍କ ନେତୃତ୍ୱ ଜୀବନ ବିକାଶରେ ସହାୟକ ହୋଇଥିଲା, ତାହା ଜାଣିବାକୁ ଚେଷ୍ଟା କରନ୍ତୁ।

• ଜଣେ ବରିଷ୍ଠ ନେତାଙ୍କ ସହ ଆଲୋଚନା (ଇଣ୍ଟରଭ୍ୟୁ) କରନ୍ତୁ, ଯିଏ ମାର୍ଗଦର୍ଶନ ଦେବାରେ ଦକ୍ଷତା ଓ ନେତୃତ୍ୱ ପ୍ରଦର୍ଶନ କରନ୍ତି। ତାଙ୍କ ଅନୁଭୂତିରୁ ଶିଖନ୍ତୁ।

• 'ଫାଇଣ୍ଡିଂ ଫୋରେଷ୍ଟର' (Finding Forester), 'ଟ୍ୟୁଜଡେଜ୍ ୱିଥ୍ ମୋରି' (Tuesdays with Morrie) କିମ୍ବା 'କରାଟେ କିଡ୍' (Karate Kid) ଭଳି ମାର୍ଗଦର୍ଶନ ଉପରେ ଆଧାରିତ ଚଳଚ୍ଚିତ୍ର (ଇଉଟିଉବ) ଦେଖନ୍ତୁ।

• ପ୍ରଭୁଙ୍କ ସହ ଆପଣଙ୍କ ଯାତ୍ରା ବିଷୟରେ ଏକ ଡାଏରୀ (ଜର୍ଣ୍ଣାଲ୍) ଲେଖନ୍ତୁ। ଈଶ୍ୱର କିପରି ଆପଣଙ୍କ ଜୀବନକୁ ଗଢୁଛନ୍ତି, ଯାହାଦ୍ୱାରା ଆପଣ ତାଙ୍କର ଜଣେ ନେତା ହୋଇପାରିବେ, ସେ ବିଷୟରେ ଚିନ୍ତନ କରନ୍ତୁ।

• ସମାନ ସ୍ତରର ବ୍ୟକ୍ତିମାନଙ୍କୁ ନେଇ ଏକ 'ପିୟର-ମେଣ୍ଟରିଂ' (ପାରସ୍ପରିକ ମାର୍ଗଦର୍ଶନ) ଦଳ ଗଠନ କରନ୍ତୁ ଏବଂ ପରସ୍ପର ପ୍ରତି ଉତ୍ତରଦାୟୀ ରୁହନ୍ତୁ।

ପ୍ରାର୍ଥନା: ହେ ପ୍ରଭୁ, ମୋର ଗତିକୁ ଧୀର କର, ଯାହା ଦ୍ୱାରା ମୁଁ କିଛି ଲୋକଙ୍କ ଜୀବନରେ ନିବେଶ କରିପାରିବି ଯେଉଁମାନେ ତୁମକୁ ଜାଣିବାକୁ ଚାହାଁନ୍ତି। ଆଜ୍ଞାବହତା ଏବଂ ଜ୍ଞାନ ମାଧ୍ୟମରେ ପାଇଥିବା ଶକ୍ତିର କାହାଣୀଗୁଡ଼ିକୁ ଅନ୍ୟ ନିକଟରେ ଶ୍ରଦ୍ଧା ସହ ଭୟରେ ବାଣ୍ଟିବା ପାଇଁ ମୋତେ ସାହାଯ୍ୟ କର । ବିଶ୍ୱସ୍ତ ବନ୍ଧୁମାନଙ୍କ ଏକ ଛୋଟ ଦଳରେ, ମୁଁ ଯୁବାମାନଙ୍କୁ ତୁମ ପରି ଗଠନ କରିବାକୁ ପ୍ରତିବଦ୍ଧ ଅଟେ। ହୁଏତ ଦୁନିଆଁ ମୋତେ ସଫଳ କହି ନପାରେ, ମୁଁ ତୁମପାଇଁ ବିଶ୍ୱସ୍ତ ହୋଇପାରେ। ମୁଁ ଶିଷ୍ୟମାନଙ୍କର ଏକ ଉତ୍ତରାଧିକାର (legacy) ଛାଡ଼ିଯାଏ, ଯେଉଁମାନେ ତୁମର ରାଜ୍ୟକୁ ଏପରି ସ୍ଥାନକୁ ବିସ୍ତାର କରିବେ ଯେଉଁସ୍ଥାନକୁ ବହୁତ କମ୍ ଲୋକ ଯିବାକୁ ସାହସ କରନ୍ତି। ଆମେନ୍।

ନେତାଗଣ ଯେଉଁମାନେ ଈଶ୍ୱରଙ୍କ ମୂଖ ଅନ୍ୱେଷଣ କରନ୍ତି (LC-6)

"ଯୀଶୁଙ୍କ ଆଦର୍ଶ ଅନୁସରଣ କରି, ମୁଁ ବ୍ୟକ୍ତିଗତ ଭାବେ ସମ୍ପର୍କ ଓ ପ୍ରାର୍ଥନା ମାଧ୍ୟମରେ ନିୟମିତ ତାଙ୍କୁ ଖୋଜିବାକୁ ଚାହେଁ... ତାଙ୍କ ଅନୁଗ୍ରହ ଦ୍ୱାରା ମୁଁ ତାଙ୍କ ମୂଖ ଅନ୍ୱେଷଣ କରିବାକୁ ଚାହେଁ।"

"ଅତି ପ୍ରତ୍ୟୁଷରେ, ଅନ୍ଧକାର ଥାଉ ଥାଉ, ଯୀଶୁ ଉଠି ଘରୁ ବାହାରି ଏକ ନିର୍ଜନ ସ୍ଥାନକୁ ଗଲେ ଏବଂ ସେଠାରେ ପ୍ରାର୍ଥନା କଲେ। ଶିମୋନ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଖୋଜିବାକୁ ଗଲେ ଏବଂ ତାଙ୍କୁ ପାଇବା ପରେ କହିଲେ, "ସମସ୍ତେ ଆପଣଙ୍କୁ ଖୋଜୁଛନ୍ତି!" ଯୀଶୁ ଉତ୍ତର ଦେଲେ, "ଆସ, ଆମେ ଅନ୍ୟ କେଉଁଆଡ଼େ ଯିବା – ନିକଟସ୍ଥ ଗ୍ରାମଗୁଡ଼ିକୁ, ଯେପରି ମୁଁ ସେଠାରେ ମଧ୍ୟ ପ୍ରଚାର କରିପାରିବି। କାରଣ ଏଥିପାଇଁ ହିଁ ମୁଁ ଆସିଅଛି।" (ମାର୍କ ୧:୩୫-୩୮)

ଜୀବନ ଓ ସେବାକାର୍ଯ୍ୟରେ ବ୍ୟସ୍ତତା ନୂଆ ନୁହେଁ। ଯୀଶୁ ଅନେକ ସମୟରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ସେବାକାର୍ଯ୍ୟ କରୁଥିଲେ ଏବଂ ତାଙ୍କ ଶିଷ୍ୟମାନେ ମଧ୍ୟ କେବେ କେବେ ଏତେ ବ୍ୟସ୍ତ ରହୁଥିଲେ ଯେ ଖାଇବା କିମ୍ବା ବିଶ୍ରାମ ନେବା ପାଇଁ ମଧ୍ୟ ସେମାନଙ୍କ ନିକଟରେ ସମୟ ନଥିଲା (ମାର୍କ ୧:୩୨–୩୩; ୬:୩୧)। ଆଜିର ବିଶେଷତ୍ୱ ହେଲା ଯେ, ବ୍ୟସ୍ତତା ଏକ 'ପ୍ରତିଷ୍ଠାର ପ୍ରତୀକ' (status symbol) ହୋଇଯାଇଛି। ଯେଉଁ ନେତାମାନଙ୍କର କାର୍ଯ୍ୟସୂଚୀ ଅତ୍ୟନ୍ତ ବ୍ୟସ୍ତବହୁଳ ଏବଂ ଯେଉଁମାନଙ୍କୁ ବହୁତ ଯାତ୍ରା କରିବାକୁ ପଡ଼େ, ସେମାନଙ୍କୁ ପ୍ରାୟତଃ ସଫଳ ଏବଂ ନିଜ କାର୍ଯ୍ୟ ପ୍ରତି ଅତ୍ୟନ୍ତ ନିଷ୍ଠାବାନ ବୋଲି ବିବେଚନା କରାଯାଏ।

ତଥାପି, ଅତ୍ୟଧିକ ସେବାକାର୍ଯ୍ୟ କରିବାରେ କିଛି ଗୁରୁତର ବିପଦ ଅଛି। ଏହା ଈଶ୍ୱରଙ୍କ ସହିତ ଥିବା ଘନିଷ୍ଠ ସମ୍ପର୍କକୁ ଦୁର୍ବଳ କରିପାରେ। ଅନେକ ନେତା ଏତେ ବ୍ୟସ୍ତ ଥାଆନ୍ତି ଯେ ସେମାନଙ୍କ ପାଖରେ "ପ୍ରାର୍ଥନା ପାଇଁ ସମୟ ନଥାଏ।" ଯେପରି ସେବାକାର୍ଯ୍ୟ ବୃଦ୍ଧି ପାଏ, ସେହି ଅନୁପାତରେ ଈଶ୍ୱରଙ୍କ ଉପରେ ନିର୍ଭର କରିବା ପରିବର୍ତ୍ତେ ନିଜର ଅଭିଜ୍ଞତା ଓ ସଫଳତା ଉପରେ ଅଧିକ ନିର୍ଭର କରିବାର ଏକ କ୍ଷୁଦ୍ର ପ୍ରଲୋଭନ ସୃଷ୍ଟି ହୁଏ। ଯେତେବେଳେ ପ୍ରାର୍ଥନାର ଅଭାବ ସତ୍ତ୍ୱେ କାର୍ଯ୍ୟରେ ସଫଳତା ମିଳିଚାଲେ, ସେତେବେଳେ ଈଶ୍ୱରଙ୍କ ଉପରେ ନିର୍ଭରଶୀଳତା ଧୀରେ ଧୀରେ କମିଯାଇପାରେ।

ଈଶ୍ୱରଙ୍କ ସାନ୍ନିଧ ଖୋଜିବାର ଅର୍ଥ ହେଉଛି ତାଙ୍କ ଉପସ୍ଥିତିରେ ବଞ୍ଚିବା, ତାଙ୍କ ସହ ସହଭାଗିତାର ଆନନ୍ଦ କରିବା ଏବଂ ତାଙ୍କ ଶକ୍ତି ଉପରେ ନିର୍ଭରଶୀଳ ରହିବା। ଏହା ଏକ ସ୍ଥାୟୀ ସମ୍ପର୍କ ଯାହା ସେବାକାର୍ଯ୍ୟକୁ ସଦା ସତେଜ ଓ ଫଳପ୍ରଦ କରେ (ଯୋହନ ୧୫:୧-୮)। ନେତାମାନେ ଯେତେ ଅଧିକ ବ୍ୟସ୍ତ ହୁଅନ୍ତି, ସେମାନଙ୍କ ଆତ୍ମାକୁ ପୋଷଣ ଦେବା ପାଇଁ ସେମାନଙ୍କୁ ସେତେ ଅଧିକ ନିରବତା, ଏକାନ୍ତ ଓ ପ୍ରାର୍ଥନାର ଆବଶ୍ୟକତା ପଡ଼ିଥାଏ।

ଯୀଶୁ ନିଜ ଜୀବନରେ ଏହି ଅଭ୍ୟାସର ଉଦାହରଣ ଦେଇଯାଇଛନ୍ତି। ସେବାକାର୍ଯ୍ୟର ଅନେକ ଚାପ ସତ୍ତ୍ୱେ, ସେ ନିୟମିତ ଭାବେ ପ୍ରାର୍ଥନା କରିବା ପାଇଁ ନିର୍ଜନ ସ୍ଥାନକୁ ଚାଲିଯାଉଥିଲେ। ପରମେଶ୍ୱରଙ୍କ ସହ ଏକାନ୍ତରେ ବିତାଇଥିବା ସମୟ ତାଙ୍କୁ ନିଜ ଲକ୍ଷ୍ୟ ଉପରେ ଧ୍ୟାନ କେନ୍ଦ୍ରିତ ରଖିବାରେ, ନିଜ ପରିଚୟରେ ଦୃଢ଼ ରହିବାରେ ଏବଂ ଲୋକପ୍ରିୟତାର ମୋହରୁ ମୁକ୍ତ ରହିବାରେ ସାହାଯ୍ୟ କରୁଥିଲା।

ଈଶ୍ୱରଙ୍କୁ ଖୋଜିବା ଏବଂ ଲୋକଙ୍କ ସେବା କରିବା ମଧ୍ୟରେ ଏକ ସନ୍ତୁଳନ ରହିବା ଆବଶ୍ୟକ, କିନ୍ତୁ ଈଶ୍ୱରଙ୍କୁ ଅନ୍ୱେଷଣ

କରିବାକୁ ସର୍ବଦା ପ୍ରାଥମିକତା ଦେବା ଉଚିତ୍। ସତ୍ୟଭାବେ 'ପ୍ରଭୁଙ୍କ କାର୍ଯ୍ୟ' କରିବା ବଦଳରେ ପ୍ରଭୁଙ୍କ ପାଇଁ କାର୍ଯ୍ୟ କରିବା ସମ୍ଭବ ଅଟେ। ଈଶ୍ୱରଙ୍କ ମୁଖ ଅନ୍ୱେଷଣ କରିବାରେ ଆମର ମନୋଭାବକୁ ଶୁଦ୍ଧ ହୁଏ, ତାଙ୍କ ଇଚ୍ଛା ସହ ଆମର ସାମଞ୍ଜସ୍ୟ ରହେ ଏବଂ ଆମ ଆତ୍ମା ନୂତନତା ଲାଭ କରେ। ଏହା ଆମ ହୃଦୟକୁ ଈଶ୍ୱରଙ୍କ ପ୍ରେମରେ ଉଷ୍ମ ରଖେ। ଶରୀର କ୍ଲାନ୍ତ ହୋଇପାରେ, କିନ୍ତୁ ଈଶ୍ୱରଙ୍କ ଉପସ୍ଥିତି ଦ୍ୱାରା ଆତ୍ମା ସବଳ ରହେ। ପ୍ରାର୍ଥନା, ନିରବତା ଓ ଏକାନ୍ତକୁ ଅବହେଳା କରିବା ଯୋଗୁଁ ଅନେକ ସମୟରେ ମାନସିକ ଓ ଆଧ୍ୟାତ୍ମିକ କ୍ଲାନ୍ତି (burnout) ସୃଷ୍ଟି ହୁଏ।

ଯେତେବେଳେ ଆମେ ପରମେଶ୍ୱରଙ୍କ ମୁଖ ଅନ୍ୱେଷଣ କରୁ, ଆମେ ସବୁବିଷୟର ଉର୍ଦ୍ଧ୍ୱରେ ତାଙ୍କ ଉପସ୍ଥିତିକୁ ଇଚ୍ଛା କରିବା ଶିଖୁ। ଏହା ବିନା, ଆମେ ବ୍ୟସ୍ତ ହୋଇପାରୁ କିନ୍ତୁ ଆତ୍ମିକ ଭାବରେ ଶୂନ୍ୟ ହୋଇପାରୁ। କେବଳ ପରମେଶ୍ୱରଙ୍କ ନିକଟତର ହେବା ଦ୍ୱାରା ଆମେ ଆତ୍ମିକ ଭାବରେ ସୁସ୍ଥ ରହିପାରିବା, ବିଶ୍ୱସ୍ତ ଭାବରେ ସେବା କରିପାରିବା ଏବଂ ଆମ ନିଜ ହୃଦୟର ଶୂନ୍ୟତା ଅପେକ୍ଷା ତାଙ୍କ ପ୍ରେମର ପ୍ରବାହରେ ସେବା କରିପାରିବା।

ପରମେଶ୍ୱରଙ୍କ ସହ ଘନିଷ୍ଠତା ପାଇଁ ଆପଣଙ୍କ ଇଚ୍ଛାରେ କ'ଣ ଜାଗ୍ରତ ହୋଇଛି? ଆପଣଙ୍କୁ ପରମେଶ୍ୱର କେଉଁ ବାର୍ତ୍ତା କହୁଥିବାର ଶୁଣିପାରୁଛନ୍ତି?

ଅତ୍ୟଧିକ ବ୍ୟସ୍ତତା କାହିଁକି ଆଧ୍ୟାତ୍ମିକ ଅଭିବୃଦ୍ଧିରେ ବାଧା ସୃଷ୍ଟି କରେ ଏବଂ ଈଶ୍ୱରଙ୍କ ସହିତ ଥିବା ସମ୍ପର୍କକୁ ଶୀଥିଳ କରିଦିଏ?

ଈଶ୍ୱରଙ୍କ ସନ୍ନିଧ ଖୋଜିବା ଦ୍ୱାରା ତାଙ୍କ ସହିତ ଘନିଷ୍ଠତା ବୃଦ୍ଧି ପାଏ ଏବଂ ତାଙ୍କ ଉପସ୍ଥିତିର ଆନନ୍ଦ ଉପଭୋଗ କରାଯାଇପାରେ।

ଈଶ୍ୱରଙ୍କ ସହିତ ଥିବା ତୁମର ଗଭୀର ପ୍ରେମପୂର୍ଣ୍ଣ ସମ୍ପର୍କକୁ ଆହୁରି ଦୃଢ଼ କରିବା ପାଇଁ ଆପଣ କ'ଣ କରିବା ଉଚିତ୍?

• ବର୍ଷକୁ ଥରେ ସମ୍ପୂର୍ଣ୍ଣ ବାଇବେଲ୍ ପଢ଼ିବା ପାଇଁ ସଂକଳ୍ପ ନିଅ।

• ଓସ୍ୱାଲ୍ଡ ଚାମ୍ବର୍ସଙ୍କ ଲିଖିତ 'ମାଇଁ ଅଟମୋଷ୍ଟ ଫର୍ ହିଜ୍ ହାଏଷ୍ଟ' (My Utmost for His Highest) ଭଳି ଆଧ୍ୟାତ୍ମିକ ପୁସ୍ତକର ବ୍ୟବହାର କର।

• ଆତ୍ମିକ ଅନୁଶାସନ (spiritual disciplines) ବିଷୟରେ ଅଧିକ ଜାଣିବା ପାଇଁ ରିଚାର୍ଡ ଫୋଷ୍ଟରଙ୍କ ଲିଖିତ 'ସେଲିବ୍ରେସନ୍ ଅଫ୍ ଡିସିପ୍ଲିନ୍' (Celebration of Discipline) ପୁସ୍ତକଟି ପଢ଼ନ୍ତୁ।

• ଆପଣଙ୍କ ହୃଦୟର ଇଚ୍ଛା ଉପରେ ଧ୍ୟାନ ଦେବା ପାଇଁ ଆତ୍ମିକ ମାର୍ଗଦର୍ଶନ କିମ୍ବା ପରାମର୍ଶ ଗ୍ରହଣ କରନ୍ତୁ।

• ଈଶ୍ୱରଙ୍କ ସାନ୍ନିଧ ଲାଭ କରିବା କ୍ଷେତ୍ରରେ ଆପଣଙ୍କ ନିଷ୍ଠା ଉପରେ ନିୟମିତ ନଜର ରଖିବା ପାଇଁ ଜଣେ ବିଶ୍ୱସ୍ତ ସାଥୀଙ୍କ ସହାୟତା ନିଅନ୍ତୁ।

ପ୍ରାର୍ଥନା: ହେ ପ୍ରଭୁ, ଆପଣ କେଡେ ଉତ୍ତମ ଓ ଅଦ୍ଭୁତ! ଆପଣଙ୍କ ମହିମାର ତୁଳନା ନାହିଁ। ତୁମ୍ଭର ମୁଖ ଅନ୍ୱେଷଣ କରିବାକୁ ଏବଂ ତୁମ୍ଭର ଉପସ୍ଥିତିରେ ଗଭୀର ଆନନ୍ଦ ଅନୁଭବ କରିବାକୁ, ପ୍ରତିଦିନ ମୋତେ ଆପଣଙ୍କ ନିକଟବର୍ତ୍ତୀ କରାନ୍ତୁ। ଆପଣଙ୍କ ଠାରେ ଥିବା ଜୀବନ ଓ ପ୍ରେମର ନିର୍ଝରରୁ ମୋତେ ପାନ କରିବାକୁ ଦିଅନ୍ତୁ। ମୋ ଆତ୍ମାର ଗଭୀରତାରେ ଆପଣଙ୍କ ପାଇଁ ଏକ ନିରନ୍ତର କ୍ଷୁଧା ଅଛି, ତଥାପି ବ୍ୟସ୍ତତା ହେତୁ ମୁଁ ଅନେକ ସମୟରେ ଆପଣଙ୍କ ଠାରୁ ଶୁଣିପାରି ନାହିଁ। ହେ ପ୍ରଭୁ, ମୋତେ କ୍ଷମା କର ଏବଂ ମୋତେ ଆପଣଙ୍କ ଦୟା ପ୍ରଦାନ କର। ଆପଣଙ୍କୁ ଜାଣିବାର ଏବଂ ଆପଣଙ୍କ ସହ ଘନିଷ୍ଠ ଭାବେ ଗମନାଗମନ କରିବାର ପବିତ୍ର ଆନନ୍ଦରେ ମୋ ହୃଦୟକୁ ପରିତୃପ୍ତ କର। ଆମେନ୍।

ଆତ୍ମିକ ଫଳ ଅନ୍ୱେଷଣ କରୁଥିବା ନେତାମାନେ (LC-7)

"ମୁଁ ପ୍ରଚୁର ଫଳଧାରଣ ନିମନ୍ତେ ମନୋନୀତ ହୋଇଛି....।"

"ତୁମ୍ଭେମାନେ ମୋ'ଠାରେ ରୁହ, ଆଉ ମୁଁ ତୁମ୍ଭମାନଙ୍କଠାରେ ରହିବି। ଯେପରି ଶାଖା ଦ୍ରାକ୍ଷାଲତାରେ ଲାଗି ନ ରହିଲେ ନିଜେ ଫଳ ଧାରଣ କରିପାରେ ନାହିଁ, ସେହିପରି ତୁମ୍ଭେମାନେ ମୋ'ଠାରେ ନ ରହିଲେ ଫଳ ଧାରଣ କରିପାର ନାହିଁ।" (ଯୋହନ ୧୫:୪)

ଜଗତ ଦୃଷ୍ଟିରେ 'ସଫଳତା'ର ଯେଉଁ ସଂଜ୍ଞା ରହିଛି, ତାହା 'ଫଳଧାରଣ' (fruitfulness) ସମ୍ବନ୍ଧୀୟ ବାଇବଲ ଧାରଣାକୁ ବିକୃତ କରିଦେଇଛି। ସଂସାରରେ, ଫଳଧାରଣକୁ ଉତ୍ପାଦନକ୍ଷମତା ଏବଂ କାର୍ଯ୍ୟଦକ୍ଷତା ଦ୍ୱାରା ମପାଯାଏ। କିଛି ଖ୍ରୀଷ୍ଟିୟ ପରିବେଶରେ, ଏହାକୁ ମଣ୍ଡଳୀର ଅଭିବୃଦ୍ଧି ଏବଂ ବିଶ୍ୱାସୀମାନଙ୍କ ଉପସ୍ଥିତି ସଂଖ୍ୟା ଦ୍ୱାରା ମାପ କରାଯାଏ। ଯେଉଁମାନଙ୍କ କ୍ଷେତ୍ରରେ ଏହି ସଂଖ୍ୟାଗୁଡ଼ିକ ଅଧିକ ହୋଇଥାଏ, ସେମାନଙ୍କୁ ପ୍ରାୟତଃ 'ଫଳବନ୍ତ' ବୋଲି ବିବେଚନା କରାଯାଏ। ତଥାପି, କେବଳ ସଂଖ୍ୟାଗୁଡ଼ିକ ଯୀଶୁଙ୍କ ଦ୍ୱାରା ଉପସ୍ଥାପିତ 'ଫଳ'କୁ ବ୍ୟାଖ୍ୟା କରେ ନାହିଁ। ଜଣେ ସଫଳ ହୋଇପାରନ୍ତି, କିନ୍ତୁ ପ୍ରକୃତରେ ଫଳବନ୍ତ ହୋଇ ନ ପାରନ୍ତି।

ଯୀଶୁ ଆମକୁ ଯେଉଁ ଫଳ ଧାରଣ କରିବାକୁ ଆହ୍ୱାନ ଦିଅନ୍ତି, ତାହା ହେଉଛି ଆମ ମଧ୍ୟରେ ତାହାଙ୍କ ଚରିତ୍ରର ଗଠନ। 'ଆତ୍ମାଙ୍କ ଫଳ' ହେଉଛି ଜୀବନ ଏବଂ ନେତୃତ୍ୱରେ ଗଢ଼ି ଉଠିଥିବା ଖ୍ରୀଷ୍ଟଙ୍କ ସଦୃଶ ଗୁଣାବଳୀର ଏକ ସମାହାର (ଗଲାତୀୟ ୫:୨୨-୨୩)। ପ୍ରକୃତ ଫଳଧାରଣ ହେଉଛି---ଯୀଶୁଙ୍କ ସଦୃଶ ତାହାଙ୍କ ଜୀବନ, ପ୍ରେମ ଏବଂ ଚରିତ୍ରରେ ବୃଦ୍ଧି ପାଇବା।

ଏହି ଫଳ ପବିତ୍ର ଆତ୍ମାଙ୍କ ଦ୍ୱାରା ଖ୍ରୀଷ୍ଟଙ୍କ ସହିତ ଏକ ନିରନ୍ତର ସମ୍ପର୍କ ମାଧ୍ୟମରେ ଉତ୍ପନ୍ନ ହୋଇଥାଏ। ଆତ୍ମିକ ଅନୁଶାସନ ଆମ ହୃଦୟକୁ ତାହାଙ୍କ ଠାରୁ ଜୀବନ ଗ୍ରହଣ ଓ ପ୍ରତିଫଳନ କରିବା ନିମନ୍ତେ ସହାୟକ ହୁଏ। ଯୀଶୁଙ୍କ ସହ ନିବିଡ ସହଭାଗିତା ଦ୍ୱାରା ପବିତ୍ରଆତ୍ମା ଆମ୍ଭମାନଙ୍କୁ ଆମ ଭିତରୁ ରୂପାନ୍ତରିତ କରିବାକୁ ସୁଯୋଗ ପାଆନ୍ତି, ଯାହାକି ଆମ ଜୀବନ, ନେତୃତ୍ୱ ଏବଂ ସେବାକୁ ଗଢ଼ି ତୋଳେ। ଏହି ଫଳକୁ କୌଣସି କୃତ୍ରିମ ଉପାୟରେ ତିଆରି କରାଯାଇପାରିବ ନାହିଁ କିମ୍ବା ବାହାରୁ ଏଥିରେ ଖଞ୍ଜି ଦିଆଯାଇ ପାରିବ ନାହିଁ। ଯେତେବେଳେ ଆମେ ଖ୍ରୀଷ୍ଟଙ୍କ ସହିତ ସହଭାଗିତା ଏବଂ ଆଜ୍ଞାବହତା ମାଧ୍ୟମରେ ଆତ୍ମାଙ୍କ ନିରନ୍ତର କାର୍ଯ୍ୟ ନିକଟରେ ନିଜକୁ ସମର୍ପଣ କରୁ, ସେତେବେଳେ ଆମ ଭିତରେ ପବିତ୍ରତା ଗଢ଼ି ଉଠେ ଏବଂ ଆମେ ଫଳବନ୍ତ ହେଉ। ଏହା ଯୀଶୁଙ୍କ ସହିତ ଘନିଷ୍ଠ ଭାବେ ଚାଲିବାର ଏକ ଆଜୀବନ ପ୍ରକ୍ରିୟା, ଯାହା ଫଳରେ ତାଙ୍କ ଜୀବନ ଆମ ଭିତରେ ଗଢ଼ି ଉଠିଥାଏ। ଏହି ରୂପାନ୍ତର ପ୍ରକ୍ରିୟା ଧୀର ଅଟେ; ଏହା ଅନୁଗ୍ରହ ଦ୍ୱାରା ବଜାୟ ରହେ ଏବଂ ଆଜ୍ଞାବହତା ମାଧ୍ୟମରେ ଅଧିକ ଗଭୀର ହୁଏ।

ଖ୍ରୀଷ୍ଟଙ୍କ ସଦୃଶ ବ୍ୟକ୍ତି ହେବା ଯନ୍ତ୍ରଣାହୀନ ନୁହେଁ। ଏଥିରେ ପରିଷ୍କାର କରାଯିବା ଏବଂ ଭଙ୍ଗାଯିବା ଅନ୍ତର୍ଭୁକ୍ତ। ପିତା ଆମ୍ଭମାନଙ୍କୁ ଅଧିକ ଫଳବନ୍ତ କରିବା ପାଇଁ ଆମ ଜୀବନରୁ ଅନାବଶ୍ୟକ ଅଂଶ ପରିଷ୍କାର କରିଦିଅନ୍ତି (ଯୋହନ ୧୫:୧-୨), ଏବଂ ତାଙ୍କର ଶିକ୍ଷାଦାନ ବା ଅନୁଶାସନ ଆମ ବିକାଶର ଏକ ଅଂଶ ଅଟେ (ଏବ୍ରୀ ୧୨:୧୦-୧୧)। ସମର୍ପଣ ମାଧ୍ୟମରେ, ସେ ଆମକୁ ଶୁଦ୍ଧ କରନ୍ତି ଯାହାଦ୍ୱାରା ଆମେ ପବିତ୍ରତାର ଫଳଧାରଣ କରିପାରିବା। ଫଳବନ୍ତ ହେବା ପାଇଁ ନିଜର 'ଅହଂ'କୁ ମାରିବା ଆବଶ୍ୟକ।

ଯେତେବେଳେ ଆମେ ନିଜ ଜୀବନରେ ଫଳପ୍ରଦତା ଅନୁସରଣ କରୁ, ଅନ୍ୟମାନଙ୍କ ପାଇଁ ଏହାକୁ ଖୋଜିବା ପାଇଁ ମଧ୍ୟ ଆମକୁ ଆହ୍ୱାନ କରାଯାଇଛି। ଆମେମାନେ ଯେଉଁମାନଙ୍କର ସେବା କରୁ ସେମାନଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କ ସାଦୃଶ୍ୟତାକୁ ପ୍ରସ୍ତୁତ କରି ସ୍ଥାୟୀ ଫଳ ଉତ୍ପନ୍ନ କରିବାକୁ ଯୀଶୁ ଆମମାନଙ୍କୁ ପ୍ରେରଣ କରନ୍ତି (ଯୋହନ 15:16)। ଆତ୍ମିକ ନେତୃତ୍ୱର ଲକ୍ଷ୍ୟ କେବଳ ଧର୍ମାନ୍ତରିତ (convert) ଲୋକଙ୍କୁ ସୃଷ୍ଟି କରିବା ନୁହେଁ ବରଂ ପରିପକ୍ୱ ଶିଷ୍ୟ ଗଠନ କରିବା।

ଦୃଶ୍ୟମାନ ସଫଳତା ପ୍ରାପ୍ତିର ଚାପ ଅନେକଙ୍କୁ ରଣନୀତି, ପ୍ରଣାଳୀ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭର କରିବାକୁ ପ୍ରେରଣା

ଦେଇଛି। ତଥାପି ପ୍ରକୃତ ଫଳପ୍ରଦତା ଧୀର ଏବଂ ପ୍ରାୟତଃ ଲୁକ୍କାୟିତ ହୋଇଥାଏ। ଏହା ପ୍ରାର୍ଥନା, ଧୈର୍ଯ୍ୟ ଏବଂ ସମ୍ପର୍କୀୟ ନିବେଶ ଯେଉଁଠାରେ ଜୀବନ ଜୀବନକୁ ଗଠନ କରେ, ସେହିସବୁ ଆବଶ୍ୟକ କରେ। ଆତ୍ମିକ ଗଠନ ଜୀବନର ସହଭାଗିତା (shared life) ଏବଂ ଶିଷ୍ୟତ୍ୱ ଦ୍ୱାରା ଘଟେ।

ଏହାର ଅର୍ଥ ଭିଡ଼ ମଧ୍ୟରୁ ଦୂରେଇ ଯାଇ କିଛି ଲୋକଙ୍କ ମଧ୍ୟରେ ଗଭୀର ଭାବରେ ନିବେଶ କରିବା ହୋଇପାରେ। ଈଶ୍ୱରଙ୍କ ପାଇଁ ଅନେକ ବିଷୟଗୁଡ଼ିକୁ କରିବା ପରିବର୍ତ୍ତେ, ଆମେ ଶିଷ୍ୟ ତିଆରି କରିବାର ଜରୁରୀ କାର୍ଯ୍ୟ ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରାଯାଇପାରୁ। ଫଳପ୍ରଦତାକୁ ବହୁ ପରିମାଣରେ ଉତ୍ପାଦନ କରାଯାଇପାରିବ ନାହିଁ। ଆମେ ବିଶ୍ୱସ୍ତ ଭାବରେ ସେବା କରୁ, ଆମର ଜୀବନକୁ ବାଣ୍ଟିଥାଉ, ଏବଂ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ଆଡ଼କୁ ସୂଚାଇଥାଉ, ଆତ୍ମା ତାହାଙ୍କ ଗୁପ୍ତ କାର୍ଯ୍ୟ କରିବେ ବୋଲି ଭରସା ରଖୁ। ଜଣେ କୃଷକ ପରି, ଆମେ ଧୈର୍ଯ୍ୟର ସହ ଫଳ ବଢ଼ିବା ପାଇଁ ଅପେକ୍ଷା କରୁ, ଏହା ଜାଣି ଯେ ପ୍ରକୃତ ଫଳପ୍ରଦତା ହେଉଛି ତାହାଙ୍କ ଅନୁଗ୍ରହରେ ପରମେଶ୍ୱରଙ୍କ ମହିମା କରିବା।

ଆପଣଙ୍କ ଜୀବନ ଏବଂ ଅନ୍ୟମାନଙ୍କ ଜୀବନରେ ଆଧ୍ୟାତ୍ମିକ ଫଳପ୍ରଦତା ଅନ୍ୱେଷଣ ବିଷୟରେ ଆପଣଙ୍କୁ କ'ଣ ଉତ୍ସାହିତ କରେ?

ସେବାକାର୍ଯ୍ୟରେ ସଫଳ ହେବା କାହିଁକି ଫଳପ୍ରଦ ଆତ୍ମିକତାକୁ ବାଧା ଦେଇପାରେ?

ସେବାକାର୍ଯ୍ୟରେ ସଫଳତା ଖୋଜିବାରୁ ଆତ୍ମିକ ଫଳପ୍ରଦତା ଆଡ଼କୁ ପରିବର୍ତ୍ତନ ହେବା ପାଇଁ ଆପଣଙ୍କୁ କ'ଣ କରିବାକୁ ପଡିବ ମନୋନୀତ କରନ୍ତୁ:

• ଯୀଶୁଙ୍କ ସହିତ ଏକ ଘନିଷ୍ଠ ସମ୍ପର୍କ ବିକଶିତ କରିବା।

• କେତେକ ଶିଷ୍ୟଙ୍କ ଠାରେ ଉଦ୍ଦେଶ୍ୟମୂଳକ ଭାବେ ନିବେଶ କରିବା।

• ଲୋକମାନଙ୍କ ବିକାଶ ପାଇଁ ଅପେକ୍ଷା କରିବାକୁ ଶିଖିବା।

• କିଛି ବ୍ୟକ୍ତିଙ୍କୁ ଆତ୍ମିକ ଶିବିର (retreat) ପାଇଁ ନିମନ୍ତ୍ରଣ କରିବା।

• ସଫଳ ହେବା ଅପେକ୍ଷା ବିଶ୍ୱସ୍ତ ରହିବାକୁ ବାଛିବା।

• ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଷ୍କୃତ ହେବା ପାଇଁ କଷ୍ଟକୁ ଗ୍ରହଣ କରିବା।

ପ୍ରାର୍ଥନା: ହେ ଈଶ୍ୱର, ମୁଁ ଦ୍ରାକ୍ଷାଲତାର ଏକ କ୍ଷୁଦ୍ର ଶାଖା ମାତ୍ର; ତୁମ୍ଭ ପୁତ୍ରଙ୍କ ପ୍ରେମରେ ପାଳିତ, କଷ୍ଟ ମଧ୍ୟରେ ପରିଷ୍କୃତ, ଏବଂ ଆଧ୍ୟାତ୍ମିକ ଫଳ ଧାରଣ ପାଇଁ ଗଢ଼ା ହୋଇଛି। ହେ ଯୀଶୁ, ତୁମେ ମୋ ହୃଦୟରେ ରୋପିତ ଏକ ବୀଜ; ପ୍ରାର୍ଥନା ଦ୍ୱାରା ସେଚିତ, ତୁମ ବାକ୍ୟରେ ସ୍ଥାପିତ, ପବିତ୍ର ଆତ୍ମାଙ୍କ ଦ୍ୱାରା ଗଠିତ ଏବଂ ଏକ ଫଳପ୍ରଦ ଜୀବନ ମାଧ୍ୟମରେ ପ୍ରକାଶିତ ଅଟ। ଆମେନ୍।

ସହଯୋଗୀ ନେତାମାନଙ୍କ ସହ କାର୍ଯ୍ୟ କରୁଥିବା ନେତା (LC-8)

"ମୁଁ ତ୍ରିତ୍ୱ ପରେମେଶ୍ୱରଙ୍କ ନମୂନାକୁ ଅନୁସରଣ କରି ନେତାମାନଙ୍କ ପାଇଁ ଏକ ଆଦର୍ଶ ଭାବରେ ସହଯୋଗୀ ନେତୃତ୍ୱକୁ ପ୍ରଦର୍ଶିତ କରିବାକୁ ଚାହେଁ।"

"ତେବେ ଆପଲ୍ଲ କିଏ? ପାଉଲ୍ ହିଁ ବା କିଏ? ଆମେ କେବଳ ଈଶ୍ୱରଙ୍କ ସେବକ, ଯେଉଁମାନଙ୍କ ଦ୍ୱାରା ତୁମ୍ଭେମାନେ ସୁସମାଚାର ଉପରେ ବିଶ୍ୱାସ କଲ। ପ୍ରଭୁ ଆମକୁ ଯେଉଁ କାର୍ଯ୍ୟ ଦେଇଥିଲେ, ଆମେ ପ୍ରତ୍ୟେକେ ତାହା ହିଁ କରିଛୁ। ମୁଁ ତୁମ୍ଭ ହୃଦୟରେ ବୀଜ ବୁଣିଲି ଏବଂ ଆପଲ୍ଲ ସିଂଚନ କଲେ, କିନ୍ତୁ ଈଶ୍ୱର ବୃଦ୍ଧିସାଧନ କଲେ। ତେଣୁ, କିଏ ବୁଣିଲା କିମ୍ବା କିଏ ସିଞ୍ଚନ କଲା, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ପ୍ରକୃତ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଈଶ୍ୱର ବୃଦ୍ଧିସାଧନ କରନ୍ତି। ଯେ ବୁଣନ୍ତି ଏବଂ ଯେ ସିଞ୍ଚନ କରନ୍ତି, ସେମାନେ ଏକ ଉଦ୍ଦେଶ୍ୟ ନେଇ ମିଳିମିଶି କାର୍ଯ୍ୟ କରନ୍ତି। ଆଉ ସେମାନେ ପ୍ରତ୍ୟେକେ ନିଜ ନିଜ ପରିଶ୍ରମ ଅନୁଯାୟୀ ଫଳ ପାଇବେ।" (୧ କରିନ୍ଥୀୟ ୩:୫-୮)

ଯେଉଁ ନେତାମାନେ ନିଜର ସ୍ୱତନ୍ତ୍ର ସାମ୍ରାଜ୍ୟ ଗଢ଼ିବାକୁ ଲକ୍ଷ୍ୟ ରଖନ୍ତି, ସେମାନେ ପ୍ରାୟତଃ ଏକାକୀ କାର୍ଯ୍ୟ କରନ୍ତି; କେବଳ ନିଜର ବ୍ୟକ୍ତିଗତ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନେ ଅନ୍ୟମାନଙ୍କ ସହ ସହଯୋଗ କରନ୍ତି। ଏହା ପଛରେ 'ଈଶ୍ୱରଙ୍କ ରାଜ୍ୟର ବିସ୍ତାର' କିମ୍ବା 'ତାଙ୍କ ମହିମା ପାଇଁ ଉତ୍କର୍ଷତା ହାସଲ' କରିବା ଭଳି ଆତ୍ମିକ ଭାଷାର ଆବରଣ ଥାଇପାରେ, କିନ୍ତୁ ପ୍ରକୃତରେ ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ହୋଇପାରେ ପ୍ରଭାବ ବିସ୍ତାର କରିବା, ସ୍ୱୀକୃତି ପାଇବା ଏବଂ ନିୟନ୍ତ୍ରଣ ହାସଲ କରିବା। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଉପରେ ଧ୍ୟାନ ଦେବା ନାମରେ, ସହଯୋଗୀ ମନୋଭାବ ବଦଳରେ ଏପରି ଏକ 'ଚୟନମୂଳକ ଭାଗୀଦାରୀ' (selective partnership) ଗଢ଼ି ଉଠେ, ଯାହା କେବଳ ସେହି ନେତାଙ୍କ ବ୍ୟକ୍ତିଗତ ଦୃଷ୍ଟିକୋଣକୁ ସମର୍ଥନ କରିଥାଏ।

ଈଶ୍ୱରଙ୍କ ରାଜ୍ୟର ପ୍ରକୃତ ନେତୃତ୍ୱ ତ୍ରିଏକ ଈଶ୍ୱରଙ୍କ ସ୍ୱଭାବ ଉପରେ ଆଧାରିତ। ପିତା, ପୁତ୍ର ଏବଂ ପବିତ୍ର ଆତ୍ମା ପୂର୍ଣ୍ଣ ଏକତାର ସହ କାର୍ଯ୍ୟ କରନ୍ତି; ସେମାନଙ୍କ ମଧ୍ୟରେ କୌଣସି ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଅସୁରକ୍ଷା ଭାବ ନଥାଇ ପ୍ରତ୍ୟେକେ ନିଜର ନିର୍ଦ୍ଦିଷ୍ଟ ଭୂମିକା ପାଳନ କରନ୍ତି (ଉତ୍ପତ୍ତି ୧:୧–୩,୨୬; ଯୋହନ ୧୬:୧୩–୧୫)। ଈଶ୍ୱରୀୟ ପ୍ରେମ ଏକ ଉପଯୁକ୍ତ ସହଯୋଗ ସୃଷ୍ଟି କରେ, ଯେଉଁଠାରେ ପାରସ୍ପରିକ ସମ୍ମାନ ଏବଂ ସମର୍ପଣ ଈଶ୍ୱରଙ୍କ ଉଦ୍ଧାରର ଉଦ୍ଦେଶ୍ୟ ସାଧନ କରେ।

ଯୀଶୁ ନିଜେ ସହଯୋଗର ଏକ ଉଦାହରଣ ସ୍ଥାପନ କରିଥିଲେ। ସେ ମରିୟମଙ୍କ ଆଜ୍ଞାବହତା ମାଧ୍ୟମରେ ମାନବ ଜୀବନରେ ପ୍ରବେଶ କରିଥିଲେ ଏବଂ ସୁରକ୍ଷା ତଥା ଯତ୍ନ ପାଇଁ ଯୋଷେଫ ଓ ମରିୟମଙ୍କ ଉପରେ ନିର୍ଭର କରିଥିଲେ (ମାଥିଉ ୨:୧୪–୧୫)। ପରବର୍ତ୍ତୀ ସମୟରେ, ସେ ନିଜର ମିଶନ ବା ଲକ୍ଷ୍ୟକୁ ନିଜ ଶିଷ୍ୟମାନଙ୍କ ଉପରେ ନ୍ୟସ୍ତ କଲେ ଏବଂ ସେମାନଙ୍କୁ ବିଭିନ୍ନ ଜାତି ମଧ୍ୟରେ ତାଙ୍କର କାର୍ଯ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଲେ (ମାଥିଉ ୨୮:୧୮–୨୦)। ଈଶ୍ୱରଙ୍କ ମିଶନ କେବେବି ଏକାକୀ ସମ୍ପାଦନ କରିବା ପାଇଁ ଉଦ୍ଦିଷ୍ଟ ନଥିଲା, ବରଂ ପାରସ୍ପରିକ ନିର୍ଭରଶୀଳ ସମ୍ପର୍କ ମାଧ୍ୟମରେ ସମ୍ପାଦିତ ହେବାର ଥିଲା।

ତଥାପି, ଇତିହାସକୁ ଦେଖିଲେ ଜଣାପଡ଼େ ଯେ, ବିଶ୍ୱସ୍ତରୀୟ ମିଶନ କାର୍ଯ୍ୟଗୁଡ଼ିକରେ ପ୍ରାୟତଃ ପ୍ରତିଯୋଗିତା ଦେଖିବାକୁ ମିଳିଛି। ଔପନିବେଶିକ ଯୁଗର ସମ୍ପ୍ରସାରଣ, ଧାର୍ମିକ ସମ୍ପ୍ରଦାୟଗତ ବିଭାଜନ ଏବଂ ବିଭିନ୍ନ ଖ୍ରୀଷ୍ଟୀୟ ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗ

ପରିବର୍ତ୍ତେ ବେଳେବେଳେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହୋଇଛି। କାଳକ୍ରମେ, ସହଯୋଗ ସ୍ଥାନରେ ପରସ୍ପର ସହ ତୁଳନା କରିବାର ପ୍ରବୃତ୍ତି ସ୍ଥାନ ପାଇଛି। ତଥାପି 1990 ଦଶକର ମଧ୍ୟଭାଗରେ, ବିଭିନ୍ନ ଆନ୍ଦୋଳନର ନେତାମାନେ ପୁନର୍ବାର ଏକତାକୁ ଆବିଷ୍କାର କରିବା ଆରମ୍ଭ କଲେ ଯେତେବେଳେ ସେମାନେ ଅପହଞ୍ଚ ଛାତ୍ରମାନଙ୍କ ପାଖରେ ପହଞ୍ଚିବା ପାଇଁ ସହଯୋଗୀ ନେଟୱାର୍କ ଗଠନ କଲେ, ଏହା ସ୍ୱୀକାର କଲେ ଯେ କାର୍ଯ୍ୟ ପାଇଁ ସହଭାଗୀ ପ୍ରୟାସ ଆବଶ୍ୟକ।

ସହଯୋଗ ଏହି ବାସ୍ତବତା ଉପରେ ଆଧାରିତ ଯେ ଆମେ ଗୋଟିଏ ଶରୀର ଏବଂ ପରସ୍ପରକୁ ଆବଶ୍ୟକ କରୁ। ଏହା ବିଶ୍ୱାସ, ବନ୍ଧୁତା ଏବଂ ପାରସ୍ପରିକ ସମ୍ମାନ ମାଧ୍ୟମରେ ବୃଦ୍ଧି ପାଏ। ନେତାମାନେ ସନ୍ଦେହ ବିନା ଏକାଠି କାମ କରିବାକୁ ଶିଖିଲେ,

ସହଭାଗୀତା ଫଳପ୍ରଦ ହୁଏ। ପାଟ୍ରିକ୍ ଫଙ୍ଗ 2010 ଲୌସାନର କଂଗ୍ରେସ ସଭାରେ ଉଲ୍ଲେଖ କରିଥିଲେ, ମହାନ ଆଦେଶ ପ୍ରାୟତଃ ବନ୍ଧୁମାନଙ୍କ ମଧ୍ୟରେ ସମ୍ପର୍କ ଦ୍ୱାରା ସବୁଠାରୁ ପ୍ରଭାବଶାଳୀ ଭାବରେ ଅଗ୍ରଗତି କରିଛି।

ଏକ ଆଫ୍ରିକୀୟ ପ୍ରବାଦ କୁହେ, "ଏକୁଟିଆ ଚାଲ ଏବଂ ତୁମେ ଦ୍ରୁତ ଗତିରେ ଯାଇପାରିବ। ଏକାଠି ଚାଲ ଏବଂ ତୁମେ ଅଧିକ ଦୂରକୁ ଯିବ।" ସହଯୋଗ ପାଇଁ ଧିମା ଗତି, ଧୈର୍ଯ୍ୟ ଏବଂ ପ୍ରଭେଦକୁ ଗ୍ରହଣ କରିବା ଆବଶ୍ୟକ ହୋଇପାରେ। ତଥାପି, ଏହା ଆମକୁ ଏକାକୀ ଯେଉଁ ସୀମା ପର୍ଯ୍ୟନ୍ତ ଯାଇପାରିଥାନ୍ତୁ, ତା'ଠାରୁ ଆହୁରି ଆଗକୁ ଯିବାକୁ ସକ୍ଷମ କରାଏ; ଏହା ଦୁର୍ବଳତାରେ ଶକ୍ତି, କଷ୍ଟକର ପରିସ୍ଥିତିରେ ଉତ୍ସାହ ଏବଂ କାର୍ଯ୍ୟଟି ଅତ୍ୟନ୍ତ କଠିନ ବୋଲି ମନେହେଲେ ମଧ୍ୟ ଦୃଢ଼ ଭାବେ ଲାଗିରହିବାର ସାମର୍ଥ୍ୟ ପ୍ରଦାନ କରେ। ଯେପରି 'ଉପଦେଶକ' (Ecclesiastes) ପୁସ୍ତକ ଆମକୁ ମନେ ପକାଇ ଦିଏ, "ଏକ ଜଣରୁ ଦୁଇଜଣ ଭଲ... ତ୍ରିଗୁଣ ରଜ୍ଜୁ ଶୀଘ୍ର ଛିଣ୍ଡି ଯାଏ ନାହିଁ" (ଉପଦେଶକ ୪:୯,୧୨)।

'ସହଯୋଗ' (collaboration)ଶବ୍ଦ ଆପଣଙ୍କ ହୃଦୟରେ କେଉଁ ପ୍ରକାର ଭାବନା ସୃଷ୍ଟି କରେ?

ପ୍ରତିଯୋଗିତା ସହ କାମ କରିବାରେ ଆପଣ କ'ଣ ଅନୁଭବ କରନ୍ତି?

ଖ୍ରୀଷ୍ଟିୟାନ ନେତାମାନଙ୍କ ମଧ୍ୟରେ ସହଯୋଗର ଅଭାବ କିପରି ଈଶ୍ୱରଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରେ?

ପ୍ରତିଯୋଗିତାମୂଳକ ମନୋଭାବରୁ ବାହାରି ସହଯୋଗ ଭିତ୍ତିକ କାର୍ଯ୍ୟଶୈଳୀ ଆପଣାଇବା ପାଇଁ ଆପଣଙ୍କୁ କ'ଣ କରିବାକୁ ହେବ, ତାହା ବାଛନ୍ତୁ:

• ଈଶ୍ୱରଙ୍କ ରାଜ୍ୟର ବୃହତ୍ ଲକ୍ଷ୍ୟ (vision) ପାଇଁ ନିଜର କ୍ଷୁଦ୍ର ଲକ୍ଷ୍ୟକୁ ତ୍ୟାଗ କରିବା।

• କେବଳ ଈଶ୍ୱରଙ୍କ ମହିମା ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରିବା।

• ଅନନ୍ତ ପୁରସ୍କାର ପାଇବା ଲକ୍ଷ୍ୟରେ ନେତୃତ୍ୱ ନେବାକୁ ଚେଷ୍ଟା କରନ୍ତୁ, ଯେଉଁଠାରେ ଈଶ୍ୱର ଆପଣଙ୍କ ବିଶ୍ୱସ୍ତତାକୁ ଉଚିତ୍ ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରିବେ।

• ଯେଉଁମାନଙ୍କର କାର୍ଯ୍ୟଶୈଳୀ ଆପଣଙ୍କ ଠାରୁ ଭିନ୍ନ, ସେମାନଙ୍କ ସହିତ ଧୈର୍ଯ୍ୟର ସହ କାମ କରିବାକୁ ଶିଖନ୍ତୁ।

• ଅନ୍ୟମାନଙ୍କ ସଫଳତାରେ ସହାୟକ ହେବା ପାଇଁ କାର୍ଯ୍ୟ କରିବାକୁ ଇଚ୍ଛୁକ ହୁଅନ୍ତୁ।

• ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧୀୟ ମିଳିତ ଉଦ୍ୟମରେ ସ୍ୱେଚ୍ଛା ଭାବରେ ଯୋଗଦାନ କରନ୍ତୁ।

ପ୍ରାର୍ଥନା: ହେ ଈଶ୍ୱର, ମୋ ଭିତରେ ଥିବା ସେହି ଅହଙ୍କାରକୁ ଭାଙ୍ଗି ଦିଅନ୍ତୁ, ଯାହା ମୋତେ ଅନ୍ୟମାନଙ୍କ ଆବଶ୍ୟକତାକୁ ଅଣଦେଖା କରିବାକୁ ପ୍ରବର୍ତ୍ତାଏ। ମୋତେ ମୋ ପ୍ରଭୁଙ୍କୁ ଅନୁସରଣ କରିବାକୁ ଶିଖାନ୍ତୁ, ଯିଏ ନମ୍ରତାର ସହ ଲୋକମାନଙ୍କର ଯତ୍ନ ଓ ସମର୍ଥନ ଗ୍ରହଣ କରିଥିଲେ। ମୋତେ ନମ୍ରତାର ବସ୍ତ୍ର ପିନ୍ଧାନ୍ତୁ ଏବଂ ଅନ୍ୟମାନଙ୍କୁ ସମ୍ମାନ ଓ ଆଦର କରିବାରେ ମୋତେ ସାହାଯ୍ୟ କରନ୍ତୁ। ହେ ପ୍ରଭୁ, ଯେତେବେଳେ ଆପଣଙ୍କ ଲୋକମାନେ ଏକାଠି ହୋଇ କାମ କରନ୍ତି, ସେତେବେଳେ ମହତ୍ତର ବିଷୟଗୁଡ଼ିକ ଅପେକ୍ଷାରେ ଥାଏ। ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କ ମଧ୍ୟରେ ଥିବା ସେହି ଏକତାକୁ ଦେଖିବା ପାଇଁ ଆମ ଆଖି ଖୋଲି ଦିଅନ୍ତୁ, ଯେଉଁମାନେ ଗୋଟିଏ ଉଦ୍ଦେଶ୍ୟ ପାଇଁ ବିଭିନ୍ନ ଉପାୟରେ କାର୍ଯ୍ୟ କରନ୍ତି। ଆପଣଙ୍କ ପ୍ରେମ ଆମକୁ ଏକତ୍ର ବାନ୍ଧି ରଖୁ ଏବଂ ତୁମ୍ଭ ରାଜ୍ୟର ଆଗମନ ପାଇଁ ଆମକୁ ମିଳିତ ଭାବେ ଆଗେଇ ନେଉନ୍ତୁ। ଆମେନ୍।

ଅର୍ଥର ବିଶ୍ୱସ୍ତ ପରିଚାଳନା କରୁଥିବା ନେତାମାନେ (LC-9)

"ମୋତେ ଦିଆଯାଇଥିବା ଅର୍ଥ ସମ୍ବନ୍ଧରେ, ପରମେଶ୍ୱର ଓ ଲୋକମାନଙ୍କ ସମ୍ମୁଖରେ ଅନିନ୍ଦିତ ହୋଇ ଚାଲିବା ପାଇଁ ମୁଁ ବିନମ୍ରତାର ସହ ଅନୁଗ୍ରହ ନିମନ୍ତେ ପ୍ରାର୍ଥନା କରୁଛି।"

କାରଣ ଧନଲୋଭ ସର୍ବ ପ୍ରକାର ମନ୍ଦତାର ମୂଳ ଅଟେ। କେହି କେହି ଧନ ଲାଭ କରିବାକୁ ଇଚ୍ଛା କରି ସତ୍ୟ ବିଶ୍ୱାସରୁ ପଥଭ୍ରଷ୍ଟ ହୋଇଛନ୍ତି ଏବଂ ନିଜକୁ ଅନେକ ଦୁଃଖରେ ବିଦ୍ଧ କରିଛନ୍ତି। କିନ୍ତୁ ହେ ତୀମଥି, ତୁମେ ପରମେଶ୍ୱରଙ୍କ ଲୋକ; ତେଣୁ ଏହି ସମସ୍ତ ମନ୍ଦ ବିଷୟଠାରୁ ଦୂରେଇ ରୁହ। ଧାର୍ମିକତା ଓ ଈଶ୍ୱରଭକ୍ତି ଜୀବନ, ତଥା ବିଶ୍ୱାସ, ପ୍ରେମ, ଧୈର୍ଯ୍ୟ ଓ ନମ୍ରତାକୁ ଅନୁସରଣ କର। (୧ ତୀମଥି ୬:୯-୧୧)

ଅର୍ଥ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସମ୍ବଳ, ଯାହା ଆବଶ୍ୟକତା ପୂରଣ କରିବାରେ ଏବଂ ସେବାକାର୍ଯ୍ୟରେ ସହାୟକ ହୁଏ। ଈଶ୍ୱରଭକ୍ତି ନେତୃତ୍ୱ ପାଇଁ ଅର୍ଥର ଉଚିତ ପରିଚାଳନା ଅତ୍ୟନ୍ତ ଆବଶ୍ୟକ। ତଥାପି, ଅନେକ ନେତା ଧନଲୋଭ ଜାଲରେ ଫସି ଯାଇଛନ୍ତି ଏବଂ କ୍ଷଣସ୍ଥାୟୀ ଲାଭ ପାଇଁ ନିଜର ଆତ୍ମିକ ଆହ୍ୱାନକୁ ବଳି ଦେଇଛନ୍ତି। ଅନ୍ୟ କେତେକ ଏହାର ପ୍ରତିକ୍ରିୟା ସ୍ୱରୂପ ଆର୍ଥିକ ଦାୟିତ୍ୱରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତି, କିମ୍ବା "ବିଶ୍ୱାସରେ ଜୀବନଯାପନ କରିବା" ଓ ଉତ୍ତରଦାୟି ନ ହେବାକୁ ଭୁଲ୍‌ରେ ଯୋଡ଼ି ଦିଅନ୍ତି। ଏହି ଉଭୟ ପନ୍ଥା ବାଇବଲ୍ ସମ୍ମତ ପରିଚାଳନାକୁ ପ୍ରତିଫଳିତ କରିବାରେ ବିଫଳ ହୁଏ।

ସେବାକାର୍ଯ୍ୟ କ୍ଷେତ୍ରରେ ମଧ୍ୟ ଏକ ସ୍ପଷ୍ଟ ଅସମାନତା ଦେଖାଯାଏ। କେତେକ ନେତା, ବିଶେଷକରି ବଡ଼ ଚର୍ଚ୍ଚ କିମ୍ବା ସମ୍ପନ୍ନ ଦେଶଗୁଡ଼ିକରେ, ଯଥେଷ୍ଟ ଆର୍ଥିକ ସହାୟତା ପାଆନ୍ତି; ଅନ୍ୟପକ୍ଷରେ ଅନେକ ପାଳକ ଓ ମିଶନାରୀମାନେ ତ୍ୟାଗପୂର୍ଣ୍ଣ ଜୀବନଯାପନ କରନ୍ତି ଏବଂ ନିଜ ପରିବାରର ଭରଣପୋଷଣ ପାଇଁ ସଂଘର୍ଷ କରନ୍ତି। ତଥାପି, ଧନୀ ହୁଅନ୍ତୁ କିମ୍ବା ଗରିବ, ଉଭୟେ ଧନ ପ୍ରତି ଲୋଭର ଶିକାର ହେବାର ଆଶଙ୍କା ରହିଥାଏ। ବିଶ୍ୱସ୍ତ ଭାବରେ ଦାୟିତ୍ୱ ନିର୍ବାହ କରିବା ପାଇଁ ଉଚିତ ମନୋଭାବ ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ—ଉଭୟ ଆବଶ୍ୟକ।

ଈଶ୍ୱରୀୟ ସନ୍ତୋଷ ଭାବ ହୃଦୟକୁ ଶୁଦ୍ଧ ରଖେ। ଏହା ସ୍ୱୀକାର କରେ ଯେ ଆମ ପାଖରେ ଯାହା ଅଛି, ତାହା ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ଏକ ଉପହାର। ଆମେ ଏହି ଜଗତକୁ କିଛି ନେଇ ଆସି ନଥିବାରୁ (୧ ତୀମଥି ୬:୬-୮), ନେତାମାନଙ୍କୁ ସରଳ ଓ କୃତଜ୍ଞତାପୂର୍ଣ୍ଣ ଜୀବନଯାପନ କରିବାକୁ ଆହ୍ୱାନ କରାଯାଇଛି; ଅର୍ଥାତ୍ ଖାଦ୍ୟ, ବସ୍ତ୍ର ଓ ବାସଗୃହରେ ସନ୍ତୁଷ୍ଟ ରହିବା ଶିଖିବାକୁ ହେବ। ଆବଶ୍ୟକତାଠାରୁ ଅଧିକ ପାଇବା ପାଇଁ ଲାଳସା ରଖିବା ପ୍ରଲୋଭନର ଦ୍ୱାରକୁ ଖୋଲିଥାଏ। ସନ୍ତୁଷ୍ଟିର ଅର୍ଥ ହେଲା—ଯାହା ଅଛି ତାହା ଯଥେଷ୍ଟ ବୋଲି ବୁଝିବା ଏବଂ ଆଜିର ଯୁଗରେ ଅତ୍ୟଧିକ ଭୋଗବାଦୀ ମନୋଭାବକୁ ପ୍ରତିରୋଧ କରିବା।

ଅନ୍ୟ ପକ୍ଷରେ, ସମ୍ପତ୍ତି ଅର୍ଜନ କରିବା ମଧ୍ୟ ଭଣ୍ଡାରଘରିଆର (ଷ୍ଟୁୱାର୍ଡସିପ୍) ଏକ ରୂପ ହୋଇପାରେ। ବିଶ୍ୱାସରେ ଜୀବନଯାପନ କରିବାର ଅର୍ଥ ଭିକାରି ପରି ବଞ୍ଚିବା ନୁହେଁ। ଈଶ୍ୱର ମଣିଷକୁ କାର୍ଯ୍ୟ କରିବା ଏବଂ ନିଜର ଓ ପରିବାରର ଆବଶ୍ୟକତା ପୂରଣ କରିବା ପାଇଁ ଦକ୍ଷତା ଓ ସୁଯୋଗ ପ୍ରଦାନ କରିଛନ୍ତି। ଯେଉଁଠାରେ ଚର୍ଚ୍ଚଗୁଡ଼ିକ ନିଜ ନେତାମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଆର୍ଥିକ

ସହାୟତା ଦେବାକୁ ସକ୍ଷମ ନୁହଁନ୍ତି, ସେଠାରେ ଅନ୍ୟ ବୃତ୍ତି ସହିତ ସେବାକାର୍ଯ୍ୟ କରିବା (bi-vocational ministry) ସେବାର ଏକ ଉଚିତ ଓ ଉତ୍ତମ ମାଧ୍ୟମ ହୋଇପାରେ।

ଯଥେଷ୍ଟ ସହାୟତା କିଛି ବ୍ୟକ୍ତିଙ୍କୁ ସୁସମାଚାରର ସେବାରେ ସମ୍ପୂର୍ଣ୍ଣ ରୂପେ ନିଜକୁ ନିୟୋଜିତ କରିବାକୁ ସୁଯୋଗ ଦିଏ (୧ ତୀମଥି ୫:୧୭-୧୮), ଅନ୍ୟପକ୍ଷରେ କେହି କେହି ସୁସମାଚାର ପାଇଁ ନିଜର ଆର୍ଥିକ ଅଧିକାରକୁ ତ୍ୟାଗ କରିବାକୁ ବାଛିପାରନ୍ତି (୧

କରିନ୍ଥୀୟ ୯:୧୪-୧୫)। କେହି କେହି ଆଂଶିକ ସମୟ (part-time) ପାଇଁ କାମ କରିପାରନ୍ତି, ପୁଣି ଅନ୍ୟମାନେ ପରିବାରର ସହାୟତା ଉପରେ ନିର୍ଭର କରିପାରନ୍ତି। ଯଦି ଏସବୁ ବିଷୟ ସଚ୍ଚୋଟତା ଏବଂ ଜ୍ଞାନ ସହିତ ପରିଚାଳିତ ହୁଏ, ତେବେ ଏଗୁଡ଼ିକ ବିଶ୍ୱସ୍ତ ସେବାର ଉପଯୁକ୍ତ ପରିପ୍ରକାଶ ଅଟେ।

ପରିଶେଷରେ, ଆର୍ଥିକ ପରିଚାଳନା ବ୍ୟକ୍ତିର ଚରିତ୍ରକୁ ପରୀକ୍ଷା କରେ। ନେତାମାନେ ନିଜକୁ ଦିଆଯାଇଥିବା ସମ୍ବଳ ପାଇଁ ଉତ୍ତରଦାୟୀ ହେବା ଉଚିତ୍, ସ୍ୱଚ୍ଛତା ବଜାୟ ରଖିବା ଉଚିତ୍ ଏବଂ ଉପଯୁକ୍ତ ଆର୍ଥିକ ଅଭ୍ୟାସ ଅନୁସରଣ କରିବାକୁ ନିଶ୍ଚିତ କରିବା ଉଚିତ୍। ଆୟ ଓ ବ୍ୟୟ ବିଷୟରେ ସ୍ୱଚ୍ଛତା ରହିଲେ ତାହା ବିଶ୍ୱାସ ସୃଷ୍ଟି କରେ ଏବଂ ଅପବ୍ୟବହାରକୁ ଅଟକାଏ।

ଯଦି ଆମର ସର୍ବାଧିକ ସନ୍ତୋଷ ଈଶ୍ୱରଙ୍କ ପ୍ରେମରେ ନ ଥାଏ, ତେବେ ଆମେ ସମ୍ପତ୍ତି, ପଦବୀ କିମ୍ବା କ୍ଷମତା ମଧ୍ୟରେ ସନ୍ତୋଷ ଖୋଜିବାକୁ ଚେଷ୍ଟା କରିବା। ଅର୍ଥ ଏବଂ ସେବା କ୍ଷେତ୍ରରେ ସଚ୍ଚୋଟତା ଏହି କଥା ଉପରେ ନିର୍ଭର କରେ ଯେ, ଆମେ ପ୍ରକୃତରେ କାହାକୁ ଭଲ ପାଉଛୁ—ଈଶ୍ୱରଙ୍କୁ ନା ଧନକୁ? (ମାଥିଉ ୬:୨୪)। ପରମେଶ୍ୱରଙ୍କ ବିଶ୍ୱସ୍ତ ଯୋଗାଣ ଉପରେ ଭରସା ରଖିବା (ଫିଲିପ୍ପୀୟ ୪:୧୯; ଏଫିସୀୟ ୩:୨୦) ନେତାମାନଙ୍କୁ ଲୋଭରୁ ମୁକ୍ତ କରେ ଏବଂ ଶୁଦ୍ଧ ହୃଦୟ ସହିତ ବିଶ୍ୱସ୍ତ ଭାବରେ ପରିଚାଳନା କରିବାକୁ ସକ୍ଷମ କରାଏ।

କାହିଁକି ଅର୍ଥର ବିଶ୍ୱସ୍ତ ଭଣ୍ଡାରଘରିଆ ହୃଦୟର ପବିତ୍ରତା ଏବଂ ପ୍ରାଥମିକତାକୁ ଆବଶ୍ୟକ କରେ?

ଆର୍ଥିକ ପାଣ୍ଠିର ଭୁଲ ବ୍ୟବହାରର ପ୍ରଲୋଭନକୁ ଏଡାଇବା ପାଇଁ ଆପଣଙ୍କୁ ଆପଣଙ୍କର ଅଭ୍ୟାସରେ କ'ଣ ସବୁ ଯୋଗ କରିବାକୁ ହେବ ବାଛନ୍ତୁ:

• ଅନ୍ୟ ପାଳକ ଏବଂ ସେବକଙ୍କୁ ଆଶୀର୍ବାଦ କରିବା ପାଇଁ ନିଜର କୌଣସି ବସ୍ତୁ ଦାନ କରନ୍ତୁ।

• ଦାନ ଦେଉଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟ ଅନୁଯାୟୀ ଦାନକୁ ବ୍ୟବହାର କରିବାକୁ ନିଶ୍ଚିତ ହୁଅନ୍ତୁ।

• କ୍ରେଡିଟ୍ କାର୍ଡକୁ ନଗଦ ଟଙ୍କା ପରି ଖର୍ଚ୍ଚ କରନ୍ତୁ।

• ଜାଗତିକ ଜିନିଷର ପ୍ରେମରୁ ଆପଣଙ୍କ ହୃଦୟକୁ ନିର୍ମଳ କରନ୍ତୁ।

• ପରମେଶ୍ୱରଙ୍କ ପ୍ରେମର ଆନନ୍ଦରେ ତାଙ୍କ ପ୍ରିୟତମ ହେବାର ଆନନ୍ଦ ଖୋଜନ୍ତୁ।

• ସେବାକାର୍ଯ୍ୟ ପାଣ୍ଠିକୁ ବ୍ୟବହାର କରିବା ସମୟରେ ସ୍ୱଚ୍ଛ ହୁଅନ୍ତୁ।

ପ୍ରାର୍ଥନା: ହେ ପ୍ରଭୁ, ଆପଣଙ୍କ ପ୍ରେମରେ ମୋର ହୃଦୟକୁ ସନ୍ତୁଷ୍ଟ କରନ୍ତୁ। ସତଧନ ପାଇଁ ମୋର ଆଖି ଖୋଲିଦିଅନ୍ତୁ ଯାହା ଦୀର୍ଘସ୍ଥାୟୀ ଅଟେ, ସରଳତାରେ ମିଳିଥାଏ ଏବଂ ଅନ୍ୟମାନଙ୍କ ସହିତ ବାଣ୍ଟି ହୋଇଥାଏ। ଏହି ଦୁନିଆରେ ତୁମର ଭଲପାଇବା ଏବଂ ଦାନ ପରି କିଛି ମୋତେ ସନ୍ତୁଷ୍ଟ କରିପାରେ ନାହିଁ। ଯଦିଓ ଲୋକମାନେ ସେମାନଙ୍କର ଧନ ଏବଂ ସଫଳତା ପ୍ରଦର୍ଶନ କରନ୍ତି, ସେମାନେ ତୁମକୁ ପ୍ରଭାବିତ କରିପାରନ୍ତି ନାହିଁ। ତୁମେ ଚରିତ୍ରବାନ ନେତାଙ୍କୁ ଚାହଁ, ଧନବାନ ନେତା ନୁହେଁ। ଅଭାବରେ ମଧ୍ୟ ତୁମର ପ୍ରଚୁରତାକୁ ପାଇ ବିଶ୍ୱସ୍ତ ଏବଂ ବଳିଦାନ ସହିତ, ମୋତେ ତୁମର ସେବା କରିବାରେ ସାହାଯ୍ୟ କର, ଆମେନ୍।

ସେବାକାର୍ଯ୍ୟ ପାଇଁ 'ନୂତନକୁମ୍ଭା' ବ୍ୟବହାର କରୁଥିବା ନେତାମାନେ (LC-10)

"ମୁଁ ନିଜକୁ ଶୁଦ୍ଧ କରିବାକୁ ଏବଂ ପବିତ୍ରତା ଓ ଭଦ୍ରତାରେ ମୋର ରାଜାଙ୍କ ସେବା କରିବାକୁ ଗଭୀର ଇଚ୍ଛାକାରେ; ଏବଂ ମୁଁ ଯେଉଁମାନଙ୍କର ସେବା କରେ, ସେମାନଙ୍କୁ ତାଙ୍କ ସହିତ ନିକଟତର କରିବାକୁ ଚାହେଁ।"

ତୀମଥିଙ୍କ ପରି ଅନ୍ୟ କେହି ମୋ ପାଖରେ ନାହାନ୍ତି, ଯିଏ ପ୍ରକୃତରେ ତୁମ୍ଭମାନଙ୍କ ବିଷୟରେ ଚିନ୍ତା କରନ୍ତି। ଅନ୍ୟ ସମସ୍ତେ କେବଳ ନିଜ ବିଷୟରେ ଚିନ୍ତା କରନ୍ତି, ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଯାହା ଗୁରୁତ୍ୱପୂର୍ଣ୍ଣ, ସେ ବିଷୟରେ ନୁହେଁ। (ଫିଲିପ୍ପୀୟ ୨:୨୦-୨୧ NLT)

ଆମ ଦେଶରେ, ଅନେକ ବିଦେଶୀ ପାଷ୍ଟର ଏବଂ ସେବାକାର୍ଯ୍ୟର ବଡନେତାମାନେ ସେମାନଙ୍କ ସେବାର ନମୂନାଗୁଡ଼ିକୁ ପ୍ରାୟତଃ ପ୍ରଭାବଶାଳୀ ପରିସଂଖ୍ୟାନ ଦ୍ୱାରା ସର୍ବୋତ୍ତମ ବୋଲି ପ୍ରସ୍ତୁତ କରନ୍ତି। କେତେକ ଛୋଟ ଚର୍ଚ୍ଚ ଏବଂ ସଂଘର୍ଷପୂର୍ଣ୍ଣ ସେବାକୁ ମଧ୍ୟ ତୁଚ୍ଛ ଭାବେ ଦେଖନ୍ତି ଏବଂ ଏହି ଭାବନା ଦିଅନ୍ତି ଯେ ଯେଉଁମାନେ ସେମାନଙ୍କର ମଡେଲକୁ ଗ୍ରହଣ କରନ୍ତି ନାହିଁ ସେମାନେ ପଛରେ ପଡ଼ିଯା'ନ୍ତି।

ସଫଳତାର ଅଧିକାର ପ୍ରଦର୍ଶନ ପ୍ରବୃତ୍ତି ରହିଛି। ସଫଳତା-ମୁଖୀ ନେତାମାନେ ପ୍ରାୟତଃ ସଂଘର୍ଷ କରୁଥିବା ଚର୍ଚ୍ଚଗୁଡ଼ିକୁ ସେମାନଙ୍କର ବ୍ୟବସ୍ଥା ଗ୍ରହଣ କରିବାକୁ, ସେବାରେ ହତାଶାର ସମାଧାନ କରିବା ନିମନ୍ତେ ପ୍ରବର୍ତ୍ତାନ୍ତି। କେତେକ ଲାଭବାନ ହୁଅନ୍ତି, ଅନେକ ନିରୁତ୍ସାହିତ ହୋଇଯାଆନ୍ତି ଏବଂ ପ୍ରତିଜ୍ଞା କରାଯାଇଥିବା ଫଳାଫଳ ନ ଆସିଲେ ବିଫଳତା ପରି ଅନୁଭବ କରନ୍ତି, ମଡେଲକୁ ସଠିକ୍ ଭାବରେ କାର୍ଯ୍ୟକାରୀ ନକରିବା ପାଇଁ ନିଜକୁ ଦୋଷ ଦିଅନ୍ତି।

ଆମେ ପରମେଶ୍ୱରଙ୍କୁ ତାଙ୍କ ସେବାର ମଡେଲ ପାଇଁ ଧନ୍ୟବାଦ ଦେଉଛୁ ଯାହା ତାହାଙ୍କ ରାଜ୍ୟକୁ ସାରା ବିଶ୍ୱରେ ବୃଦ୍ଧି କରିଛି। ପବିତ୍ର ଆତ୍ମା ଈଶ୍ୱରଙ୍କ ମନୋନୀତ କୌଣସି ପଦ୍ଧତି ମାଧ୍ୟମରେ କାମ କରିପାରିବେ। ଈଶ୍ୱରଙ୍କ ରାଜ୍ୟର ଗୁଣନ ପ୍ରକ୍ରିୟା କୌଣସି ସେବା ମଡେଲକୁ ଭଡାଦେବା ଦ୍ୱାରା ହାସଲ କରାଯାଇ ପାରିବ ନାହିଁ ବରଂ ବିଶ୍ୱସ୍ତ ପୁରୁଷ ଏବଂ ମହିଳାମାନଙ୍କୁ ପରାମର୍ଶ ଦେଇ ଯେଉଁମାନେ ଅନ୍ୟମାନଙ୍କୁ ତାଲିମ ଦେବେ, ସେମାନଙ୍କ ଦ୍ୱାରା ହେବ (2 ତୀମଥି 2:2)। ପ୍ରେରିତମାନେ ନିଜେ ଗୋଟିଏ ମଡେଲକୁ ଜୋରକରି ଲାଗୁ କରି ନଥିଲେ; ସେମାନେ ବିଭିନ୍ନ ଉପାୟରେ ପରମେଶ୍ୱରଙ୍କ କାର୍ଯ୍ୟକୁ ସଂଗଠିତ କରିଥିଲେ।

ସଫଳତା-କୈନ୍ଦ୍ରିକ ମଡେଲଗୁଡ଼ିକର ବିପଦ ହେଉଛି ଯେ, ତାହା ଖ୍ରୀଷ୍ଟଙ୍କ ଠାରୁ ଦୃଷ୍ଟି ନେଇ ସଂଗଠନ, ନେଟୱାର୍କ, ପଦ୍ଧତି, ବ୍ୟବସ୍ଥା ଏବଂ ବ୍ରାଣ୍ଡ (brand) ଉପର କେନ୍ଦ୍ରିତ କରିଦିଅନ୍ତି। ଏଗୁଡ଼ିକ ଉପକରଣ ବଦଳରେ ମାଲିକ ପାଲଟିଯାଆନ୍ତି। ସେବାକାର୍ଯ୍ୟର 'ନାମ ଲାଭ କରିବା' ସହଜରେ ପ୍ରଭାବ, ନିୟନ୍ତ୍ରଣ ଏବଂ ସ୍ୱୀକୃତି ହାସଲ କରିବାର ଏକ ଉପାୟ ପାଲଟିପାରେ, ଯାହା ପ୍ରକାଶ କରେ ପ୍ରକୃତରେ ଗୌରବ କେଉଁଠାରେ ଖୋଜା ଯାଉଛି।

ସେବାକାର୍ଯ୍ୟର ମଡେଲଗୁଡ଼ିକ କେବଳ ପାତ୍ର ସଦୃଶ; ସେଗୁଡ଼ିକ ଏକ ମାଧ୍ୟମ ମାତ୍ର, ଲକ୍ଷ୍ୟ ନୁହେଁ। ଯେପରି ପାଣି ବିଭିନ୍ନ ନଦୀଶଯ୍ୟା ଦେଇ ପ୍ରବାହିତ ହୁଏ, ସେହିପରି ଈଶ୍ୱରଙ୍କ ଆତ୍ମା ବିଭିନ୍ନ ସେବାକାର୍ଯ୍ୟ ଏବଂ ପଦ୍ଧତି ମାଧ୍ୟମରେ କାର୍ଯ୍ୟ କରନ୍ତି। ଈଶ୍ୱର ଏପରି ନେତାମାନଙ୍କୁ ଚାହାଁନ୍ତି ଯେଉଁମାନେ ପରସ୍ପରକୁ ସମ୍ମାନ ଦିଅନ୍ତି, ପରସ୍ପର ଠାରୁ ଶିଖନ୍ତି ଏବଂ ମୂଖ୍ୟଶତ୍ରୁ ବିରୁଦ୍ଧରେ

ଏକତ୍ରିତ କାର୍ଯ୍ୟ କରନ୍ତି। ଏପରି ଏକତା କେବଳ ସେତେବେଳେ ସମ୍ଭବ ହୁଏ, ଯେତେବେଳେ ତୀମଥିଙ୍କ ପରି ନେତାମାନେ ଖ୍ରୀଷ୍ଟଙ୍କ ପାଇଁ ଏବଂ ଲୋକମାନଙ୍କ ପାଇଁ ପ୍ରକୃତ ଚିନ୍ତା କରନ୍ତି (ଫିଲିପ୍ପୀୟ ୨:୨୦-୨୧)।

ଆମକୁ ଏପରି ସଫଳ ନେତାଙ୍କ ଆବଶ୍ୟକତା ରହିଛି, ଯେଉଁମାନେ ନିଜକୁ ହ୍ରାସ କରିବାକୁ ପ୍ରସ୍ତୁତ, ଯାହାଦ୍ୱାରା ଖ୍ରୀଷ୍ଟ ମହାନ ହେବେ (ଯୋହନ ୩:୩୦)। କେବେ କେବେ ଏହାର ଅର୍ଥ ହେଉଛି ଅନ୍ୟମାନଙ୍କ ପାଇଁ ବାଟ ଛାଡ଼ିଦେବା, ଯାହାଦ୍ୱାରା ସାଧାରଣ କିନ୍ତୁ ବିଶ୍ୱସ୍ତ ନେତାମାନେ ନିଜର ଦୁର୍ବଳତାରେ ଈଶ୍ୱରଙ୍କ ଶକ୍ତି ଏବଂ ନିଜର ସରଳତାରେ ଈଶ୍ୱରଙ୍କ ଜ୍ଞାନ ବିଷୟରେ ସାକ୍ଷ୍ୟ

ଦେଇପାରିବେ। ଅନେକ ସମୟରେ, ଯେଉଁମାନଙ୍କ ପାଖରେ ଉପାଧି, ଯୋଗ୍ୟତା ପ୍ରମାଣପତ୍ର ଏବଂ ଆକର୍ଷଣୀୟ ବ୍ୟକ୍ତିତ୍ୱ (charisma) ଥାଏ, ସେମାନେ ହିଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରନ୍ତି; ଅଥଚ ନମ୍ର ସେବକମାନଙ୍କ କାହାଣୀ ଅଜଣା ରହିଯାଏ। ତଥାପି, ଏହି ସାଧାରଣ ନେତାମାନେ ପ୍ରତିଦିନ ବିଶ୍ୱସ୍ତତାର ସହ ଈଶ୍ୱରଙ୍କ ରାଜ୍ୟକୁ ଆଗକୁ ନେଇଯାନ୍ତି।

ମଣ୍ଡଳୀ ନିୟନ୍ତ୍ରଣକାରୀ ନେତା, ତାରକାଭଳି ନେତା କିମ୍ବା ନେତାମାନଙ୍କର ଆବଶ୍ୟକତା ନାହିଁ ଯେଉଁମାନେ ଶୁଣିବାକୁ ବିଫଳ ହୋଇ ପ୍ରମାଣପତ୍ର ଉପରେ ନିର୍ଭର କରନ୍ତି। ଚର୍ଚ୍ଚକୁ ଏପରି ନେତାମାନଙ୍କର ଆବଶ୍ୟକତା ଅଛି ଯେଉଁମାନେ କ୍ରୁଶରେ ହତ ହୋଇଥିବା, ନମ୍ରତାରେ ବାସ କରୁଥିବା, ପଛରେ ଠିଆ ହେବାକୁ ସନ୍ତୁଷ୍ଟ ଯାହା କେବଳ ଖ୍ରୀଷ୍ଟଙ୍କୁ ଦେଖାଏ ଏବଂ ଗୌରବାନ୍ୱିତ କରେ।

ସେବାକାର୍ଯ୍ୟରେ ସଫଳତା କାହିଁକି ସମ୍ଭାବ୍ୟ ପତନର ବୀଜ ବପନ କରେ?

ନିମ୍ନରେ ଚେକଲିଷ୍ଟ ବ୍ୟବହାର କରି, ପ୍ରଭାବଶାଳୀ ସେବାକାର୍ଯ୍ୟ ପାଇଁ ଆପଣ କେଉଁ ନୂତନ ସେବାକାର୍ଯ୍ୟର କୁମ୍ଭା ନିମନ୍ତେ ଅନୁସନ୍ଧାନ କରିବେ:

- ଆପଣ ନିଜର ପରିବେଶରେ ଉପଯୁକ୍ତ ସେବାକାର୍ଯ୍ୟଗୁଡ଼ିକ ବିଚାର କରନ୍ତୁ।
- ଯାଞ୍ଚ କରନ୍ତୁ ଖ୍ରୀଷ୍ଟ ସେମାନଙ୍କ କାର୍ଯ୍ୟର କେନ୍ଦ୍ରରେ ଅଛନ୍ତି କି ନାହିଁ।
- ପୂର୍ବରୁ କେବେ କରାଯାଇନଥିବା କିଛି ଚେଷ୍ଟା କରିବା ପାଇଁ ସାହସ କରନ୍ତୁ।
- ଏହା କେବଳ ଶକ୍ତିଶାଳୀ ନେତାମାନଙ୍କୁ ନୁହେଁ ବରଂ ସାଧାରଣ ଲୋକଙ୍କୁ ଶକ୍ତିଯୁକ୍ତ କରେ।
- ଏହା ଆପଣଙ୍କ ଅବଦାନକୁ ଚିହ୍ନିଥାଏ ଏବଂ ସମ୍ମାନ କରେ।
- ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ କାମ କରିବା ପରିବର୍ତ୍ତେ ନମନୀୟ ହେବାକୁ ଇଚ୍ଛୁକ ଥିବେ।

ପ୍ରାର୍ଥନା: ପ୍ରଭୁ, ଆପଣ ଏପରି ଏକ ବିଶ୍ୱ ସୃଷ୍ଟି କରିନାହାଁନ୍ତି ଯାହା ଗତିବିହୀନ ରହିଛି। ଆପଣ ଆମକୁ ଅନୁସନ୍ଧାନ, ସୃଷ୍ଟି ଏବଂ ନବସୃଜନ କରିବାକୁ ଡାକୁଛନ୍ତି। ଆପଣଙ୍କର ଜ୍ଞାନ ଆପଣ ଆମକୁ ଦେଇଥିବା ମନରେ ପ୍ରତିଫଳିତ ହୁଏ, ନୂତନ ଜିନିଷ ପାଇବା ଏବଂ ଏପର୍ଯ୍ୟନ୍ତ ଅଦୃଶ୍ୟ ସମ୍ଭାବନା ଦେଖିବା ପାଇଁ। ହେ ସୃଜନଶୀଳ ଆତ୍ମା, ପବିତ୍ର ପରିବର୍ତ୍ତନର ଶ୍ୱାସବାୟୁ ଦିଅନ୍ତୁ। ସାଧାରଣ ନେତାମାନଙ୍କୁ ଆପଣ ଯେଉଁ ଭାବରେ ଡାକିଛନ୍ତି ସେହି ପଥରେ ଉତ୍ଥାନ ହେବାକୁ ଦିଅନ୍ତୁ। ସେମାନେ ଦୁର୍ବଳତାରେ ଆପଣଙ୍କର ଶକ୍ତି ଏବଂ ସରଳତାରେ ଆପଣଙ୍କର ଜ୍ଞାନ ଆବିଷ୍କାର କରନ୍ତୁ, ଯାହା ଦ୍ୱାରା ଆପଣଙ୍କର ମହିମା ଦେଖାଯିବ। ଆମେନ୍।

୨୦୨୨ ମସିହା ଜାନୁଆରୀ ମାସରେ ଚେନ୍ନାଇଠାରେ ଆରମ୍ଭ ହୋଇଥିବା ଏହି ଯାତ୍ରା 'ଲିଡର୍ସ କଭନେଣ୍ଟ ଟ୍ରେନିଂ' (Leaders Covenant Training) ଈଶ୍ୱରଙ୍କ ଅନୁଗ୍ରହରୁ ୫୦ଟି ସ୍ଥାନରେ ଆୟୋଜିତ ହୋଇସାରିଛି ଏବଂ ଏହା ମାଧ୍ୟମରେ ପ୍ରାୟ ୩,୦୦୦ ପାଷ୍ଟରଙ୍କ ନିକଟରେ ପହଞ୍ଚିବା ସମ୍ଭବ ହୋଇଛି। ଈଶ୍ୱରଙ୍କ ରାଜ୍ୟରେ ନେତାମାନଙ୍କୁ ସେବା କରିବାର ଏହି ମୂଲ୍ୟବାନ ସୁଯୋଗ ପାଇଥିବାରୁ ଆମେ ଈଶ୍ୱରଙ୍କ ନିକଟରେ ଅତ୍ୟନ୍ତ କୃତଜ୍ଞ। ଖ୍ରୀଷ୍ଟଙ୍କ ସଦୃଶ ସେହି ଅନେକ ନେତାମାନଙ୍କୁ ଆମେ ହୃଦୟର ସହିତ ଧନ୍ୟବାଦ ଜଣାଉଛୁ, ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନା କରିଛନ୍ତି; ଏବଂ ସେହି ପାଷ୍ଟରମାନଙ୍କୁ ମଧ୍ୟ ଧନ୍ୟବାଦ, ଯେଉଁମାନେ ଉଦାରତାର ସହ ଏହି ସମାବେଶଗୁଡ଼ିକ ପାଇଁ ନିଜ ଚର୍ଚ୍ଚ ପରିସର ଉପଲବ୍ଧ କରାଇ ଦେଇଛନ୍ତି।

ଆମେ 'ମେଣ୍ଟର୍ ଲିଙ୍କ୍' (Mentor Link) ପ୍ରତି ମଧ୍ୟ ଆନ୍ତରିକ କୃତଜ୍ଞତା ଜଣାଉଛୁ, ଯେଉଁମାନେ ଆମକୁ ସେମାନଙ୍କର ପ୍ରଶିକ୍ଷଣ ମଡ୍ୟୁଲଗୁଡ଼ିକୁ ଆମ ପରିସ୍ଥିତି ଅନୁଯାୟୀ ପରିବର୍ତ୍ତନ ଓ ଅନୁବାଦ କରିବାକୁ ଅନୁମତି ଦେଇଛନ୍ତି। ଏହା ଫଳରେ ଏହି ସମ୍ବଳଗୁଡ଼ିକ ବିଭିନ୍ନ ଅଞ୍ଚଳର ନେତାମାନଙ୍କୁ ପ୍ରଭାବଶାଳୀ ଭାବରେ ସେବା ଯୋଗାଇବାରେ ସକ୍ଷମ ହୋଇପାରିଛି।

ସର୍ବୋପରି, ଏହି ସମଗ୍ର ଯାତ୍ରା ମଧ୍ୟରେ ଈଶ୍ୱରଙ୍କ ଅବିଚଳିତ ବିଶ୍ୱସ୍ତତା ପାଇଁ ଆମେ ତାଙ୍କର ଗୁଣଗାନ କରୁଛୁ। ସେ ଆମ ଯାତ୍ରାକୁ ସୁରକ୍ଷିତ ରଖିଛନ୍ତି, ଉପଯୁକ୍ତ ସମୟରେ ଆବଶ୍ୟକ ସମସ୍ତ ସମ୍ବଳ ଯୋଗାଇ ଦେଇଛନ୍ତି, ଅପ୍ରତ୍ୟାଶିତ ଦ୍ୱାର ଖୋଲି ଦେଇଛନ୍ତି ଏବଂ ଏହି ସେବାକାର୍ଯ୍ୟକୁ ଈଶ୍ୱରଙ୍କ ରାଜ୍ୟର ଅନେକ ନେତାଙ୍କ ପାଇଁ ଏକ ଆଶୀର୍ବାଦରେ ପରିଣତ କରିଛନ୍ତି। ମୁଁ ମୋ ହୃଦୟର ଗଭୀରତାରୁ କହୁଛି, **"ଧନ୍ୟବାଦ, ପ୍ରଭୁଯୀଶୁ!"**

ଆମେ ଅଗଷ୍ଟ ୨୦୨୬ ରୁ ଜୁଲାଇ ୨୦୩୦ ପର୍ଯ୍ୟନ୍ତ ଭାରତର ବିଭିନ୍ନ ରାଜ୍ୟରେ ଏକ 'ଚୁକ୍ତିବଦ୍ଧ ଯାତ୍ରା' (Covenant Journey) ଆରମ୍ଭ କରିବାକୁ ଯାଉଛୁ। ଏହି ଯାତ୍ରାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ଜଣେ ଲେଖାଏଁ ନେତାଙ୍କୁ ଏକତ୍ରିତ କରିବା, ଯାହାଦ୍ୱାରା ଆମେ ଈଶ୍ୱରଙ୍କ ସହ ଏକ ଚୁକ୍ତିବଦ୍ଧ ସମ୍ପର୍କରେ ବିଶ୍ୱସ୍ତତାର ସହ ବଞ୍ଚିବାର ଆନନ୍ଦକୁ ପୁନର୍ବାର ଅନୁଭବ କରିପାରିବା, ଖ୍ରୀଷ୍ଟଙ୍କ ସଦୃଶ ହୋଇ ବିକଶିତ ହୋଇପାରିବା ଏବଂ ଆଗାମୀ ପିଢ଼ିର ନେତାମାନଙ୍କୁ ଯତ୍ନର ସହ ପ୍ରସ୍ତୁତ (ମେଣ୍ଟର) କରିପାରିବା।

ପ୍ରଭୁ ଆମକୁ ଯେଉଁ ଦର୍ଶନ (vision) ଦେଇଛନ୍ତି, ସେଥିପାଇଁ ଆମ ସହିତ ପ୍ରାର୍ଥନା କରିବାକୁ ମୁଁ ଆପଣଙ୍କୁ ବିନମ୍ର ଭାବେ ନିମନ୍ତ୍ରଣ କରୁଛି। ଆପଣ ନିଜେ ପ୍ରଭୁଙ୍କ ସହ ଥିବା ନିଜର ଚୁକ୍ତିକୁ ନବୀକରଣ କରିବା ସହିତ, ଏଥିପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ ଯେପରି ପ୍ରଭୁ ଲୋକଙ୍କ ହୃଦୟ ପ୍ରସ୍ତୁତ କରନ୍ତି, ସୁଯୋଗର ଦ୍ୱାର ଖୋଲନ୍ତି, ବିଶ୍ୱସ୍ତ ନେତାମାନଙ୍କୁ ଉଠାନ୍ତି ଏବଂ ଏହି ଯାତ୍ରାକୁ ନିଜ ମହିମା ପାଇଁ ତଥା ନିଜ ମଣ୍ଡଳୀକୁ ସୁଦୃଢ଼ କରିବା ପାଇଁ ବ୍ୟବହାର କରନ୍ତି।

କେବଳ ଈଶ୍ୱରଙ୍କ ସମସ୍ତ ମହିମା ହେଉ। 🙏

ମୁଁ ମୋ ପୂର୍ବରୁ ଆସିଥିବା ନେତାମାନଙ୍କର ସ୍କନ୍ଧରେ ଛିଡ଼ା ହୋଇଛି; ସେମାନେ ସମ୍ପୂର୍ଣ୍ଣ ସିଦ୍ଧ ନଥିଲେ, ଆଉ ମୁଁ ମଧ୍ୟ ନୁହେଁ। ସେମାନେ ନିଜେ ଯାହା ଶିକ୍ଷା ପାଇଥିଲେ, ତା' ଆଧାରରେ ନେତୃତ୍ୱ ନେଇଥିଲେ; ଏବଂ ପ୍ରଭୁ ନିଜର ଅନୁଗ୍ରହ ଓ ଦୟା ଦ୍ୱାରା ସେମାନଙ୍କ ମାଧ୍ୟମରେ ନିଜ ରାଜ୍ୟକୁ ଆଗକୁ ବଢ଼ାଇଲେ।

ମୁଁ ଜଣେ ନେତା ଭାବରେ ମୋର ନିଜର ବିଚ୍ୟୁତିଗୁଡ଼ିକୁ ମୋ ପ୍ରଭୁ ଯୀଶୁଙ୍କ ସମ୍ମୁଖରେ ସ୍ୱୀକାର କରୁଛି। ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ, ମୁଁ ନମ୍ରତାର ସହ ନିଜକୁ ସମର୍ପଣ କରୁଛି ଯେପରି ମୁଁ ଯୀଶୁଙ୍କ ପରି ଅଧିକ ହୋଇପାରିବି ଏବଂ ଅନ୍ୟମାନଙ୍କୁ ମଧ୍ୟ ସେହିପରି ଗଢ଼ିପାରିବି, ଯେଉଁମାନେ ପୁନର୍ବାର ସମାନ କାର୍ଯ୍ୟକୁ କରିବେ। ଈଶ୍ୱର ନିଜର ଅନୁଗ୍ରହ ଓ ଦୟା ଦ୍ୱାରା ମୋତେ ଏହି ନିୟମ (ଚୁକ୍ତି) ପ୍ରତି ବିଶ୍ୱସ୍ତ ରହିବାରେ ସାହାଯ୍ୟ କରନ୍ତୁ। ଆମେନ୍।

ସମଗ୍ର ବିଶ୍ୱର ନେତାମାନଙ୍କ ସହିତ ଏକତ୍ର ହୋଇ, ମୁଁ ଏହାକୁ ମୋର ବ୍ୟକ୍ତିଗତ ନିୟମ (ଚୁକ୍ତି) ଭାବରେ ଗ୍ରହଣ କରୁଛି।

ମୋ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ମୋର ଚୁକ୍ତି

ନାମ:----------

ସ୍ୱାକ୍ଷର:----------

ତାରିଖ:----------